# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ପତ୍ର ସଂଖ୍ୟା ୨୩୧୬୨ ତା ୨୩/୦୪/୨୬ ରିଖ

ପ୍ରାପ୍ତେଷୁ,

ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ,
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା, ଭୁବନେଶ୍ୱର ।

ବିଷୟ:- ଭୁବନେଶ୍ୱର ମହାନଗର ନିଗମର ତା ୧୮.୦୪.୨୦୨୬ ରିଖ କର୍ପୋରେସନ ସାଧାରଣ ବୈଠକ ବିବରଣୀ ପ୍ରେରଣ ସମ୍ବନ୍ଧରେ ।

ମହାଶୟା/ମହାଶୟ,

ଭୁବନେଶ୍ୱର ମହାନଗର ନିଗମର ତା ୧୮.୦୪.୨୦୨୬ ରିଖରେ ଅନୁଷ୍ଠିତ ହୋଇଥିବା କର୍ପୋରେସନ ସାଧାରଣ ବୈଠକ ବିବରଣୀ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରେରଣ କରାଗଲା ।

ସଚିବ ୨୩/୦୪/୨୬
ଭୁବନେଶ୍ୱର ମହାନଗର ନିଗମ

ସଂଲଗ୍ନକ- ଉପରବର୍ଣ୍ଣିତ ମତେ,

ଜ୍ଞାପକ ସଂଖ୍ୟା- ୨୩୧୬୩/ତା ୨୩/୦୪/୨୬ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମର ମେୟର/ ଡ଼େପୁଟି ମେୟର/ ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ ୨୩/୦୪/୨୬
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୨୩୧୬୪/ତା ୨୩/୦୪/୨୬ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମ ମେୟରଙ୍କ ବାସ ଭବନସ୍ଥ କାର୍ଯ୍ୟାଳୟକୁ ରେକର୍ଡ଼ ନିମନ୍ତେ ପ୍ରେରଣ କରାଗଲା ।

ସଚିବ ୨୩/୦୪/୨୬
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୨୩୧୬୫/ତା ୨୩/୦୪/୨୬ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ ଅଭିଯୋଗ ପ୍ରକୋଷ୍ଠ/ ମ୍ୟୁନିସିପାଲ୍ କମିଶନର/ ଅତିରିକ୍ତ କମିଶନର/ ନଗର ଯନ୍ତ୍ରୀ/ ସଚିବ/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୩/ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ)/ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ)/ ନଗର ସ୍ୱାସ୍ଥ୍ୟ ଅଧିକାରୀ/ ପୌର ମୁଖ୍ୟ ଚିକିତ୍ସାଧିକାରୀ/ ବିତ ଅଧିକାରୀ/ ନଗର ଯୋଜନାକାରୀ/ ଡ଼ି.ସି. (ପରିମଳ)/ ଡ଼ି.ସି. (ପାର୍କ/ସାମାଜିକ ସୁରକ୍ଷା)/ ଡ଼ି.ସି (ଜନମଙ୍ଗଳ)/ ଡି.ସି. (ହାଉସିଂ)/ ଡ଼ି.ସି. (ମାର୍କେଟ୍)/ ଡ଼ି.ସି (ଲ୍ୟାଣ୍ଡ)/ ଡ଼ି.ସି (ଲିଗାଲ)/ ଡ଼ି.ସି (ଯାନ)/ ଡ଼ି.ସି. (ରାଜସ୍ୱ)/ ଡ଼ି.ସି. (ଆଇ.ଟି)/ ଡ଼ି.ସି (ପାର୍କିଙ୍ଗ୍)/ ଡ଼ି.ସି (ଗୃହ ଟିକସ)/ ଡ଼ି.ସି. (ପ୍ରତିଷ୍ଠାନ)/ ଜୋନାଲ୍ କମିଶନର (ଉତର/ ଦକ୍ଷିଣ-ପୂର୍ବ/ଦକ୍ଷିଣ-ପଶ୍ଚିମ)/ମୁଖ୍ୟ ସମୀକ୍ଷକ/ ପରିବେଶ ଅଧିକାରୀ/ ମୁଖ୍ୟ ସହାୟକ ସମୂହ, ଭୁବନେଶ୍ୱର ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ ୨୩/୦୪/୨୬
ଭୁବନେଶ୍ୱର ମହାନଗର ନିଗମ

# ଭୁବନେଶ୍ୱର ମହାନଗର ନିଗମ
## ସାଧାରଣ ବୈଠକ ବିବରଣୀ

ତା.୧୮.୦୪.୨୦୨୬ ରିଖ ✸ ସମୟ: ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ✸ସ୍ଥାନ: BMC-ICOMC ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

*ସର୍ବଶ୍ରୀ/ଶ୍ରୀମତୀ:*

| | | | |
|---|---|---|---|
| ୧. | ସୁଲୋଚନା ଦାସ | ମେୟର | |
| ୨. | ମଞ୍ଜୁଲତା କହଁର | ଡେ଼ପୁଟି ମେୟର | |
| ୩. | ମିହିର କୁମାର ରାଉତ | ୱାର୍ଡ ନଂ-୦୧ | |
| ୪. | ମୋନାଲିସା ବେହେରା | ୱାର୍ଡ ନଂ-୦୨ | |
| ୫. | ସୁକୁମାର ସାହୁ | ୱାର୍ଡ ନଂ-୦୪ | |
| ୬. | ମିନୁଶ୍ରୀ ଖୁଣ୍ଟିଆ | ୱାର୍ଡ ନଂ-୦୫ | |
| ୭. | ପ୍ରୀତିନନ୍ଦା ରାଉତରାୟ | ୱାର୍ଡ ନଂ-୦୬ | |
| ୮. | ଯଶୋଧାରା ପ୍ରଧାନ | ୱାର୍ଡ ନଂ-୦୭ | |
| ୯. | ଲାଲ୍ ମୋହନ ଟୁଡୁ | ୱାର୍ଡ ନଂ-୦୮ | |
| ୧୦. | ସୁଷମା ସାହୁ | ୱାର୍ଡ ନଂ-୦୯ | |
| ୧୧. | ପ୍ରଭାସିନି ମହାନ୍ତି | ୱାର୍ଡ ନଂ-୧୧ | |
| ୧୨. | ଜୟନ୍ତି ସାହୁ | ୱାର୍ଡ ନଂ-୧୨ | |
| ୧୩. | ଇତିଶ୍ରୀ ଦାସ | ୱାର୍ଡ ନଂ-୧୩ | |
| ୧୪. | ମୋନାଲିସା ସାହୁ | ୱାର୍ଡ ନଂ-୧୪ | |
| ୧୫. | ପିଙ୍କି ସ୍ୱାଇଁ | ୱାର୍ଡ ନଂ-୧୫ | |
| ୧୬. | ଅଚ୍ୟୁତାନନ୍ଦ ସ୍ୱାଇଁ | ୱାର୍ଡ ନଂ-୧୬ | |
| ୧୭. | ପୂଜା ମହାରଣା | ୱାର୍ଡ ନଂ-୧୭ | |
| ୧୮. | ବିପ୍ଳବ ବେହେରା | ୱାର୍ଡ ନଂ-୧୮ | |
| ୧୯. | ସ୍ମୃତିଶିଖା ବରିସଲ | ୱାର୍ଡ ନଂ-୧୯ | |
| ୨୦. | ପ୍ରେମାନନ୍ଦ ଜେନା | ୱାର୍ଡ ନଂ-୨୦ | |
| ୨୧. | କିରଣବାଳା ମାଝୀ | ୱାର୍ଡ ନଂ-୨୩ | |
| ୨୨. | ଦୀପକ କୁମାର ମିଶ୍ର | ୱାର୍ଡ ନଂ-୨୪ | |
| ୨୩. | ମାନସୀରାଣୀ ସୁନ୍ଦରାୟ | ୱାର୍ଡ ନଂ-୨୫ | |
| ୨୪. | ଭାରତୀ ସିଂ | ୱାର୍ଡ ନଂ-୨୬ | |
| ୨୫. | ଶୁଭାଂଶୁ ଶେଖର ପଟ୍ଟନାୟକ | ୱାର୍ଡ ନଂ-୨୭ | |
| ୨୬. | ଝରଣାରାଣୀ ପତି | ୱାର୍ଡ ନଂ-୨୮ | |
| ୨୭. | ରାଜକିଶୋର ଦାସ | ୱାର୍ଡ ନଂ-୩୦ | |
| ୨୮. | କୁମାରେନ୍ଦ୍ର ମହାପାତ୍ର | ୱାର୍ଡ ନଂ-୩୧ | |
| ୨୯. | ପୁଷ୍ପାଞ୍ଜଳୀ ସେଠୀ | ୱାର୍ଡ ନଂ-୩୪ | |
| ୩୦. | ରଞ୍ଜୁଲତା ରାୟ | ୱାର୍ଡ ନଂ-୩୫ | |
| ୩୧. | ଅଲିଅଲି ମଲ୍ଲିକ୍ | ୱାର୍ଡ ନଂ-୩୬ | |
| ୩୨. | ବନ୍ଦିତା ପାଲ୍ | ୱାର୍ଡ ନଂ-୩୭ | |
| ୩୩. | ପଦ୍ମଜା ପ୍ରିୟଦର୍ଶିନୀ ଜେନା | ୱାର୍ଡ ନଂ-୩୮ | |
| ୩୪. | ଗିତାଞ୍ଜଳୀ ସାହୁ | ୱାର୍ଡ ନଂ-୩୯ | |
| ୩୫. | ଅସିୟା ବେଗମ୍ | ୱାର୍ଡ ନଂ-୪୦ | |
| ୩୬. | କବିତା ସ୍ୱାଇଁ | ୱାର୍ଡ ନଂ-୪୧ | |
| ୩୭. | ଆଶିଷ କୁମାର ପଟ୍ଟନାୟକ | ୱାର୍ଡ ନଂ-୪୨ | |
| ୩୮. | ଭରତ କୁମାର ଲେଙ୍କା | ୱାର୍ଡ ନଂ-୪୩ | |
| ୩୯. | ଅଜିତ୍ ବେହେରା | ୱାର୍ଡ ନଂ-୪୪ | |
| ୪୦. | ଅମରେଶ ଜେନା | ୱାର୍ଡ ନଂ-୪୫ | |
| ୪୧. | ପୁଷ୍ପା ରାଉତ | ୱାର୍ଡ ନଂ-୪୬ | |
| ୪୨. | ସମିତା ମହାନ୍ତି | ୱାର୍ଡ ନଂ-୪୭ | |
| ୪୩. | ସୁଚିତ୍ରା ପାତ୍ର | ୱାର୍ଡ ନଂ-୪୮ | |
| ୪୪. | ସଂଯୁକ୍ତା ସୁନ୍ଦରାୟ | ୱାର୍ଡ ନଂ-୪୯ | |
| ୪୫. | ରାମଚନ୍ଦ୍ର ରଣସିଂହ | ୱାର୍ଡ ନଂ-୫୦ | |
| ୪୬. | ବିନୟିନୀ ଜେନା | ୱାର୍ଡ ନଂ-୫୧ | |
| ୪୭. | ଶ୍ରୀଧର ବେହେରା | ୱାର୍ଡ ନଂ-୫୨ | |
| ୪୮. | ମହାମାୟା ସ୍ୱାଇଁ | ୱାର୍ଡ ନଂ-୫୩ | |
| ୪୯. | ଶିବ ପ୍ରସାଦ ବେହେରା | ୱାର୍ଡ ନଂ-୫୪ | |
| ୫୦. | କେ. ଶାନ୍ତି | ୱାର୍ଡ ନଂ-୫୬ | |
| ୫୧. | ସନ୍ତୋଷ କୁମାର ସିଂହ | ୱାର୍ଡ ନଂ-୫୭ | |
| ୫୨. | ନମିତା ମହାପାତ୍ର | ୱାର୍ଡ ନଂ-୫୮ | |
| ୫୩. | ବିରଂଚି ନାରାୟଣ ମହାସୁପକାର | ୱାର୍ଡ ନଂ-୫୯ | |
| ୫୪. | ଚନ୍ଦ୍ରଶେଖର ମଲିଆ | ୱାର୍ଡ ନଂ-୬୦ | |
| ୫୫. | ଶିବ ନାରାୟଣ ରାୟ | ୱାର୍ଡ ନଂ-୬୧ | |
| ୫୬. | ଗଉରୁଲତା ସାମନ୍ତରାୟ | ୱାର୍ଡ ନଂ-୬୨ | |
| ୫୭. | ସୁଜାତା ଛୋଟରାୟ | ୱାର୍ଡ ନଂ-୬୩ | |
| ୫୮. | ସଜିବା ମୁଶରଫ | ୱାର୍ଡ ନଂ-୬୪ | |
| ୫୯. | ରଶ୍ମିରଞ୍ଜନ ପାଟଶାଣୀ | ୱାର୍ଡ ନଂ-୬୫ | |
| ୬୦. | ଛବି ଦାଶ | ୱାର୍ଡ ନଂ-୬୬ | |
| ୬୧. | ମଧୁସ୍ମିତା ପ୍ରଧାନ | ୱାର୍ଡ ନଂ-୬୭ | |

ଅଦ୍ୟ ତା ୧୮.୦୪.୨୦୨୬ ରିଖ ପୂର୍ବାହ୍ନ ୧୦ ଘଟିକା ୩୦ ମିନିଟ୍ ସମୟରେ ଭୁବନେଶ୍ୱର ମହାନଗର ନିଗମର ଏକ ସାଧାରଣ ବୈଠକ ନିଗମ ସଭାକକ୍ଷ "ଏକାମ୍ର" BMC-ICOMC ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନନୀୟା ମେୟର-ତଥା-ଗୃହର ସ୍ଥାୟୀ ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ମେୟର-ତଥା-ସଭାପତି ବୈଠକରେ ଉପସ୍ଥିତ ଥିବା ଡେପୁଟି ମେୟର, ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ଚେୟାର୍‌ପର୍‌ସନ୍, କମିଶନର, ସମସ୍ତ କର୍ପୋରେଟର, ଅତିରିକ୍ତ କମିଶନର, ନିଗମର ଅନ୍ୟାନ୍ୟ ଅଧିକାରୀ, ଅନ୍ୟାନ୍ୟ ବିଭାଗରୁ ଆସିଥିବା ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସ୍ୱାଗତ କରିବା ପରେ ନିମଗର ପ୍ରଚଳିତ ପ୍ରଥା ଅନୁଯାୟୀ **'ବନ୍ଦେ ଉତ୍କଳ ଜନନୀ'** ବନ୍ଦନା ଗାନ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ସଭାପତିଙ୍କ ଅନୁମତି କ୍ରମେ କମିଶନର, ମାନନୀୟା ମେୟର, ଡେପୁଟି ମେୟର, ଷ୍ଟାଣ୍ଡିଂ କମିଟିର ଚେୟାର୍‌ମ୍ୟାନ୍/ଚେୟାର୍‌ପର୍‌ସନ୍, ସମସ୍ତ କର୍ପୋରେଟର ଓ ସମସ୍ତ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ଆପଣମାନଙ୍କ ସହଯୋଗରେ ରାଜଧାନୀ ପ୍ରତିଷ୍ଠା ଦିବସ ସଫଳମଣ୍ଡିତ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଅଛି । ଚଳିତ ଏପ୍ରିଲ୍ ମାସ ଠାରୁ ନୂଆ ଆର୍ଥିକ ବର୍ଷ ଆରମ୍ଭ ହେଉଅଛି, ତେଣୁ ଇଞ୍ଜିନିୟର୍ ବିଭାଗ ଆକ୍ସନ୍ ପ୍ଲାନ୍ ତିଆରି କରନ୍ତୁ ଟେଣ୍ଡର ଡ଼କାଯିବ । ସେଥିପାଇଁ ଆମକୁ କର୍ମଚାରୀ ବଢାଇବାକୁ ପଡ଼ିବ । ଆମ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସହିତ ମାନନୀୟା ମେୟର ଆଲୋଚନା କରିଥିବାରୁ ବଡ଼ ବଡ଼ ଡ୍ରେନ୍ କାମ ପାଇଁ ୫୦ ରୁ ୬୦ କୋଟି ସରକାରଙ୍କ ଠାରୁ ମିଳିଅଛି । ଏଥିରେ ଯେଉଁ ମୁଖ୍ୟ ନାଳ ରହିଯାଇଅଛି ସେଗୁଡ଼ିକୁ କରାଯିବ । ମୁଖ୍ୟତଃ ଇସ୍କନ୍ ମନ୍ଦିର ନିକଟ ଡ୍ରେନ୍ କାର୍ଯ୍ୟ କରାଯିବ । ନାଳ ସଫେଇ କାର୍ଯ୍ୟ ଆରମ୍ଭ ହୋଇଗଲାଣି, ପୂର୍ତ୍ତ ବିଭାଗ ନାଳ ଗୁଡ଼ିକ ଆସନ୍ତା ୨୫ ତାରିଖ ଠାରୁ ଆରମ୍ଭ ହେବ । ସ୍ୱଚ୍ଛ ସର୍ଭେକ୍ଷଣ ପାଇଁ feedback କାର୍ଯ୍ୟ ଚାଲୁଅଛି । ଟି.ଟି.ଏସ୍ ଠାରେ ଯେଉଁ RDF ରହିଯାଇଅଛି ମାନନୀୟା ମେୟରଙ୍କ ଆଦେଶ କ୍ରମେ ସଫା କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଅଛି । ମେକାନିକାଲ୍ ସୁଇପିଙ୍ଗ୍‌ର Third package ପାଇଁ ଟେଣ୍ଡର ସମ୍ପୂର୍ଣ୍ଣ ହୋଇଅଛି । ସହର ମଧ୍ୟରୁ ବାହାରୁଥିବା C&D Waste ପାଇଁ ଏକ ପ୍ଲାଂଟ୍ କରାଯାଉଅଛି, Biogas Plant ମଧ କରାଯାଇଅଛି । ସମ୍ପୃକ୍ତ ସଂସ୍ଥା ବାଇଓ ଗ୍ୟାସ୍‌କୁ ଗେଲ୍ ଇଣ୍ଡିଆକୁ ବିକ୍ରି କରିବ । ବ୍ରିକ୍ ପ୍ଲାଂଟ୍, ଚାର୍‌କୋଲ୍ ପ୍ଲାଂଟ୍ ମଧ କରାଯିବ । ଦୟା ୱେଷ୍ଟ୍ କେନାଲ୍ ମଧ ସଫା କରାଯିବ । ଆପଣ ମାନଙ୍କ ସହଯୋଗ ଯୋଗୁଁ ଚଳିତ ବର୍ଷ ୧୧୨ କୋଟି ଟଙ୍କା ରାଜସ୍ୱ ଆଦାୟ କରିବାକୁ ସକ୍ଷମ ହୋଇ ପାରିଅଛୁ । ଆପଣ ମାନଙ୍କ ସକରାତ୍ମକ ସହଯୋଗ ଆଶା କରୁଅଛୁ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ ଡେପୁଟି ମେୟର ସମସ୍ତଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ଗତ ମାସରେ ବିଧାନସଭା ଚାଲୁଥିବାରୁ କର୍ପୋରେସନ ବୈଠକ ହୋଇପାରିନଥିଲା । ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଓ ବିଭିନ୍ନ କାର୍ଯ୍ୟ ଆପଣମାନଙ୍କ ସହଯୋଗରେ ସଫଳ ହୋଇଅଛି । ସମସ୍ତ ୱାର୍ଡ଼ରେ ଉନ୍ନୟନମୂଳକ କାର୍ଯ୍ୟ ଚାଲୁଅଛି । ବର୍ଷାଋତୁ ପୂର୍ବରୁ ବିଭିନ୍ନ ବିଭାଗରୁ ଆସିଥିବା ଅଧିକାରୀମାନେ ତାଙ୍କର କାର୍ଯ୍ୟ ସମ୍ପୂର୍ଣ୍ଣ କରନ୍ତୁ, ସ୍ୱେରେଜ୍ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରନ୍ତୁ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ପ୍ରାରମ୍ଭରେ ସଭାପତି ୪୦ ତମ ସାଧାରଣ ବୈଠକକୁ ସ୍ୱାଗତ ଜଣାଇ କହିଥିଲେ ଯେ, ରାଜଧାନୀ ପ୍ରତିଷ୍ଠା ଦିବସକୁ ବହୁତ ଭଲଭାବେ ପାଳନ କରାଯାଇଥିବାରୁ ଟିମ୍ ଭୁବନେଶ୍ୱର ମହାନଗର ନିଗମ, ରାଜ୍ୟ ସରକାର ଓ ରାଜଧାନୀ ପ୍ରତିଷ୍ଠା କମିଟିକୁ ଧନ୍ୟବାଦ ଜଣାଉଛି । ପ୍ରଭୁ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ରଥଯାତ୍ରା ମଧ ଭଲରେ ପାଳନ କରାଯାଇଅଛି । ବର୍ତ୍ତମାନ ସ୍ୱଚ୍ଛ ସର୍ଭେକ୍ଷଣ ଚାଲିଅଛି ଆମକୁ ୩ (ତିନି) ମଧ୍ୟରେ ରହିବାକୁ ପଡ଼ିବ, ସେଥିପାଇଁ ଆମକୁ କାମ କରିବାକୁ ପଡ଼ିବ । ଆମର ଚାରି ଗୋଟି ହାଟରୁ ଅଳିଆ ସଂଗ୍ରହ କରି ଖୋର୍ଦ୍ଧାକୁ ନିଜ ଖର୍ଚ୍ଚରେ ନେବାପାଇଁ ଗୋଟିଏ ସଂସ୍ଥା ରାଜି ହୋଇଛନ୍ତି ଏବଂ ସେ ଏହି ଗ୍ୟାସ୍‌କୁ ଗେଲ୍ ଇଣ୍ଡିଆକୁ ବିକ୍ରି କରିବ । ଉକ୍ତ ଗ୍ୟାସ୍‌କୁ ମଧ ଗେଲ୍ ଇଣ୍ଡିଆ ମାଧ୍ୟମରେ ଆମେ ଆଣିପାରିବା । ଚଳିତ ଆର୍ଥିକ ବର୍ଷ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ, ଉନ୍ନୟନମୂଳକ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ପଡ଼ିବ । ସବୁଠାରୁ ବଡ଼ ସମସ୍ୟା ହେଉଅଛି ଲାଇନ୍ ଡ଼ିପାର୍ଟମେଂଟ ମନଇଚ୍ଛା ରାସ୍ତା ଖୋଳି ଦେଉଅଛି. କାମ ଠିକ୍ ସମୟରେ ସମ୍ପୂର୍ଣ୍ଣ କରୁନାହାଁନ୍ତି । ଯେଉଁ ରାସ୍ତା ଖୋଳିଛନ୍ତି ମରାମତି ହେବାପାଇଁ ଆବଶ୍ୟକ ଅର୍ଥ ନିଗମରେ ପଇଠ କଲେ ରାସ୍ତା ଖୋଳିବା ପାଇଁ ଅନୁମତି ଦେବା ଆବଶ୍ୟକ । ମୁଖ୍ୟ ଡ୍ରେନ୍ ସଫେଇ ସମୟରେ ନାଳ ପାର୍ଶ୍ୱରେ ଥିବା ଗଛ କଟାଯିବ ନଚେତ୍ ବିଲ୍ ପଇଠ ହେବନାହିଁ । ସ୍ୱେରେଜ୍ ଲାଇନ୍ ଘରକୁ ସଂଯୋଗ କରାଯାଉନାହିଁ । ଦୟା ୱେଷ୍ଟ୍ କେନାଲ୍ ସଫେଇ କାର୍ଯ୍ୟ Water Resources Department ମାଧ୍ୟମରେ କରାଯିବ ସେଥିପାଇଁ ଆମ ବିଭାଗର ପ୍ରମୁଖ ଶାସନ ସଚିବ ଓ କମିଶନରଙ୍କ ପ୍ରଚେଷ୍ଟାରେ ହୋଇଥିବାରୁ ଆମେ ଧନ୍ୟବାଦ ଦେବା । ସଫେଇ କାର୍ଯ୍ୟ ପାଇଁ ଟେଣ୍ଡର ହୋଇଗଲାଣି ଓ ମେକାନିକାଲ୍ ସଫେଇ ତୃତୀୟ ପର୍ଯ୍ୟାୟ ପାଇଁ ଟେଣ୍ଡର ମଧ ହୋଇଯାଇଅଛି । ୱାର୍ଡ଼ ଅଫିସ୍‌ରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ସ୍ଥାପନ ଓ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ସାତ ଦିନ ମଧ୍ୟରେ ହେବା ଆବଶ୍ୟକ ବୋଲି କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଶିବ ପ୍ରସାଦ ବେହେରା କହିଥିଲେ ଯେ, ନିଗମରେ ଡ଼ି.ଏଲ୍.ଆର୍/ ସି.ଏଲ୍.ଆର୍‌ମାନେ ସ୍ୱଳ୍ପ ମଜୁରୀରେ ଦୀର୍ଘଦିନ ହେବ କାର୍ଯ୍ୟ କଲେଣି ସେମାନଙ୍କୁ ନିୟମିତ କରାଗଲା ନାହିଁ, କିନ୍ତୁ ସେମାନଙ୍କ ଦରମାରୁ ଏକକାଳିନ ଟ ୧,୫୦୦/- ପ୍ରଫେସନାଲ୍ ଟ୍ୟାକ୍ସ କଟାଯାଇଅଛି ସେମାନେ ଚଳିବେ କିପରି ? ଏହା ଉପରେ ଆଲୋଚନା କରାଗଲା । କର୍ମଚାରୀମାନଙ୍କର ଦରମାରୁ ଏକକାଳିନ ପ୍ରଫେସନାଲ୍ ଟ୍ୟାକ୍ସ ନକାଟିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଗିତାଞ୍ଜଳୀ ସାହୁ କହିଥିଲେ ଯେ, ୱାର୍ଡ଼ ଅଫିସ୍‌କୁ ଯେଉଁ କର୍ମଚାରୀଙ୍କୁ ଦିଆଯାଇଅଛି ସେମାନେ ୱାର୍ଡ଼ ଅଫିସ୍‌କୁ ସଫା କରୁନାହାଁନ୍ତି, ସବୁ ସମୟରେ ମଧ ରହୁନାହାଁନ୍ତି, ୱାର୍ଡ଼ ଅଫିସ୍ ଚାଲିବ କିପରି ? ଏହା ଉପରେ ଆଲୋଚନା କରାଗଲା । ୱାର୍ଡ଼ ଅଫିସ୍ ସଫେଇ କାର୍ଯ୍ୟ ସମ୍ପୃକ୍ତ ୱାର୍ଡ଼ର ସଫେଇ ଠିକାଦାରଙ୍କ ଦ୍ୱାରା କରାଯିବ ଓ ସମ୍ପୃକ୍ତ ୱାର୍ଡ଼ରେ ଥିବା "ଲୁ" ଗୁଡ଼ିକ ସଫା କରିବା ପାଇଁ ଯେଉଁ ସଂସ୍ଥା ନେଇଥିବ ସେହି ସଂସ୍ଥା ୱାର୍ଡ଼ ଅଫିସ୍‌ର ଶୌଚାଳୟ ସଫା କରିବେ । ଯେଉଁ କର୍ମଚାରୀମାନେ କାର୍ଯ୍ୟ ନକରିବେ ସେମାନଙ୍କୁ କାର୍ଯ୍ୟରୁ ବାହାର କରାଯାଇ ସେହି ଅର୍ଥରେ ମାନବସମ୍ବଳ ଯୋଗାଉଥିବା ସଂସ୍ଥା ଦ୍ୱାରା ଲୋକ ରଖି କାର୍ଯ୍ୟ ସମ୍ପାଦନ କରାଯିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଭରତ କୁମାର ଲେଙ୍କା କହିଥିଲେ ଯେ, ମୋ ୱାର୍ଡ଼ରେ ଦୁଇ ଗୋଟି ସାଇପନ୍ ଅଛି, ଗୋଟିଏ କାମ ଚାଲିଅଛି ଅନ୍ୟଟିରେ ପାଣି ଭଲଭାବେ ଯାଉନାହିଁ । ଯେଉଁ ଡ୍ରେନ୍ ଅଛି ସେଥିରେ ଭଲଭାବେ ପାଣି ଯାଉନାହିଁ । ସ୍ୱେରେଜ୍ ପାଣି ଲୋକଙ୍କ ଘରେ ପଶୁଅଛି । ଏହା ଉପରେ ଆଲୋଚନା କରାଗଲା । ମାନନୀୟା ମେୟର, କମିଶନର, ନଗର ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍) ଓ ସମ୍ପୃକ୍ତ ୱାର୍ଡ଼ କର୍ପୋରେଟର ଶ୍ରୀ ଭରତ କୁମାର ଲେଙ୍କା ସ୍ଥଳ ପରିଦର୍ଶନ କରିବା ପରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଶ୍ରୀଧର ବେହେରା କହିଥିଲେ ଯେ, ଗତ ତା ୨୫.୦୨.୨୦୨୬ ରିଖ ସାଧାରଣ ବୈଠକ ଉତର ସଂଖ୍ୟା-୨ ରେ ମୁଁ ପଚାରିଥିବା ପ୍ରଶ୍ନର ଉତର ଦଶ ଦିନ ମଧରେ ଦେବାପାଇଁ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍) ଙ୍କୁ କମିଶନର ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ପୁଣି କର୍ପୋରେସନ ବୈଠକ ହେଲାଣି ମୋତେ ଉତର ମିଳିଲା ନାହିଁ । ଏହା ଉପରେ ଆଲୋଚନା କରାଗଲା । ଏହା ଉପରେ ନିଗମର ନଗର ଯନ୍ତ୍ରୀ ତା ୨୮.୦୪.୨୦୨୬ ରିଖ ଦିନ ଏକ ମିଟିଙ୍ଗ୍‌ରେ ଏହାର ସମାଧାନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଅଲିଅଳି ମଲ୍ଲିକ୍ କହିଥିଲେ ଯେ, ପଂଚଦୀପ ମାର୍କେଟ୍‌ରେ ନିଗମର ଦୋକାନ ଗୃହର ଯେଉଁ ଅଫ୍‌ସେଟ୍ ପ୍ରାଇସ୍‌ରେ ନିଲାମ ହେଉଅଛି କେହି ନେଉନାହାଁନ୍ତି, ଦୋକାନ ଗୃହ ଗୁଡ଼ିକ ପଡ଼ିରହୁଅଛି ଫଳରେ ଭୁବନେଶ୍ୱର ମହାନଗର ନିଗମର ଆର୍ଥିକ କ୍ଷତି ହେଉଅଛି । ଏହା ଉପରେ ଆଲୋଚନା କରାଗଲା । ଦୋକାନ ଗୃହ ଗୁଡ଼ିକର ଅଫ୍‌ସେଟ୍ ପ୍ରାଇସ୍ କରାଯାଇ ଟେଣ୍ଡର କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତି କହିଥିଲେ ଯେ, ପ୍ରତି ବର୍ଷ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ପୂର୍ବରୁ ଆମେ ବିନ୍ଦୁସାଗର ଦଳ ସଫା କରିବା ପାଇଁ ପ୍ରତିଥର ୮ ରୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରୁଅଛେ, କିନ୍ତୁ ଦଳ ସମ୍ପୂର୍ଣ୍ଣ ସଫା ହେଉନାହିଁ, ତେଣୁ ଚଳିତ ବର୍ଷ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ପରେ ବିନ୍ଦୁସାଗର ପୁନଃଉଦ୍ଧାର କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହା ଉପରେ ଆଲୋଚନା କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସଭାପତି କହିଥିଲେ ଯେ ଯେଉଁ ପୋଖରୀ ଗୁଡିକ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପୁନରୁଦ୍ଧାର କରାଯାଇଅଛି ସେଗୁଡିକର ରକ୍ଷଣାବେକ୍ଷଣ କାର୍ଯ୍ୟ ସଂପୃକ୍ତ ୱାର୍ଡର ରେସିଡେନ୍ସ ୱେଲଫେୟାର ଆସୋସିଏସନ୍, ଗାଁ କମିଟି, ପୂଜା କମିଟି ବା ଯୁବକ ସଂଘଙ୍କ ଦ୍ୱାରା କରାଯାଉ, ସେମାନେ ସେଠାରେ ମାଛ ଚାଷ କରି ଏହି ଅର୍ଥ ଭରଣା କରିବେ ଏବଂ ମାଛ ବିକ୍ରି କରିବା ଅର୍ଥରୁ ୨୦% ଅର୍ଥ ଭୁବନେଶ୍ୱର ମହାନଗର ନିଗମରେ ପୈଠ କରିବେ । ମାଛ ଚାଷ ସମୟରେ କୌଣସି କେମିକାଲ୍ ବ୍ୟବହାର କରିବେ ନାହିଁ ବୋଲି ପ୍ରସ୍ତାବ ଦେଇଥିଲେ । ଏହା ଉପରେ ଆଲୋଚନା କରାଗଲା । ସମ୍ପୃକ୍ତ ୱାର୍ଡ଼ କର୍ପୋରେଟରଙ୍କ ସହିତ ଆଲୋଚନା କରି ଏ ସଂକ୍ରାନ୍ତରେ ନିଷ୍ପତି ନେବାପାଇଁ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସଭାପତି କହିଥିଲେ ପ୍ରାୟ ପ୍ରତ୍ୟେକ ୱାର୍ଡରେ କମ୍ୟୁନିଟି ସେଂଟର ଅଛି । ଏଠାରେ ଯେଉଁ ସମୟରେ ସାମାଜିକ କାର୍ଯ୍ୟ ପାଇଁ କମ୍ୟୁନିଟି ସେଂଟର ବୁକିଙ୍ଗ ହୋଇନଥିବ ସେହି ସମୟରେ ସେହି ୱାର୍ଡର ବରିଷ୍ଠ ନାଗରିକ ମାନଙ୍କୁ ସେଠାରେ ବସିବା ପାଇଁ ଅନୁମତି ଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଏହା ଉପରେ ଆଲୋଚନା କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର-ତଥା-ଷ୍ଟାଣ୍ଡିଂ କମିଟିରେ ଚେୟାରମ୍ୟାନ ଶ୍ରୀ ଦୀପକ କୁମାର ମିଶ୍ର କହିଥିଲେ ଯେ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ତା ୧୦.୦୪.୨୦୨୬ ରିଖ ରେ ନିର୍ଦ୍ଧାରଣ ସଂଖ୍ୟା ୩(୧) ରେ ନିଗମ ବରିଷ୍ଠ ସହାୟକ ଶ୍ରୀ ଅରୁଣ କୁମାର ବିଶ୍ୱାଳ, ଦକ୍ଷିଣ ପଶ୍ଚିମ ମଣ୍ଡଳରେ କାର୍ଯ୍ୟ କରୁଛନ୍ତି ତାଙ୍କ ବିରୁଦ୍ଧରେ ବହୁ ଦୁର୍ନୀତି

ଅଭିଯୋଗ ଆସୁଥିବାରୁ ତାହା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତି ହୋଇଥିଲା । କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ଜାଣିବାକୁ ଚାହିଁଥିଲେ ଏହା ଉପରେ ଆଲୋଚନା କରାଗଲା ଏଥିପାଇଁ ଏକ କମିଟି ଗଠନ କରାଯିବ ଏଥିରେ ନିଗମର ଅତିରିକ୍ତ କମିଶନର, ଉପ ଆୟୁକ୍ତ ଶ୍ରୀମତୀ ରଶ୍ମିରେଖା ପ୍ରଧାନ, କର୍ପୋରେଟର ଶ୍ରୀ ଦୀପକ କୁମାର ମିଶ୍ର, କର୍ପୋରେଟର ଶ୍ରୀ ଶ୍ରୀଧର ବେହେରା ଓ ଆବାହକ ଜୋନାଲ କମିଶନର ଶ୍ରୀମତୀ ଜୟଶ୍ରୀ ବେଉରା ରହିବେ ଏବଂ ତଦନ୍ତ କରି ପନ୍ଦର ଦିନ ମଧ୍ୟରେ ରିପୋର୍ଟ ଦେବେ ଏବଂ ଏହି ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଶୁଭାଂଶୁ ଶେଖର ପଟ୍ଟନାୟକ କହିଥିଲେ ଯେ, କେତେକ ଠିକାଦାର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଠିକା ନେଇଯାଉଛନ୍ତି, କିନ୍ତୁ କାର୍ଯ୍ୟ କରୁନାହାଁନ୍ତି ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯାଉନାହିଁ ? ଏହା ଉପରେ ଆଲୋଚନା କରାଗଲା । ଯେଉଁ ଠିକାଦାରମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପାଦନ କରୁନାହାଁନ୍ତି ସେମାନଙ୍କ ଚୁକ୍ତିନାମା ନାକଚ କରାଯାଇ L-2 ଠିକାଦାରଙ୍କୁ L-1 ଦରରେ କାର୍ଯ୍ୟ କରିବା ପାଇଁ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଛବି ଦାଶ କହିଥିଲେ ଯେ, ନ୍ୟାସନାଲ୍ ପେନ୍‌ସନ୍ ଯୋଜନାରେ ଟଙ୍କା ଅନ୍ତରଣ (transfer) ହେଉନାହିଁ, ଗରିବ ଲୋକମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହା ଉପରେ ଆଲୋଚନା କରାଗଲା । କମିଶନର ଭତା ଉପରେ ଏକ ମିଟିଙ୍ଗ୍ ନେଇ ସମସ୍ୟା ସମାଧାନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ବନ୍ଦିତା ପାଲ୍ କହିଥିଲେ ଯେ, ନୟାପଲ୍ଲୀ ହଜ ସାତ ଏକର ଥିଲା ଜବରଦଖଲ ହୋଇ ବର୍ତମାନ ଘରି ଏକର ରହିଥିଲା ଏବେ ଜଣେ ବ୍ୟକ୍ତି ୨୦୦ ଡ଼ିସିମିଲ୍ ଜାଗା ତାଙ୍କ ନାମରେ କରିନେଇଛନ୍ତି ଏବଂ ପ୍ରାଚୀର କଲେଣି । ଏହା ଉପରେ ଆଲୋଚନା କରାଗଲା । ଉପ ଆୟୁକ୍ତ (ଭୂମି) ଏହା ଉପରେ ତଦନ୍ତ କରି ସାତ ଦିନ ମଧ୍ୟରେ କମିଶନରଙ୍କୁ ତଥ୍ୟ ଦେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଯଶୋଧାରା ପ୍ରଧାନ କହିଥିଲେ ଯେ, ନିଗମର ପରିମଳ ନିରୀକ୍ଷକ ଓ ସ୍ୱଚ୍ଛସାଥି ମାନଙ୍କୁ ଜନଗଣନା ଓ S.I.R କାର୍ଯ୍ୟରେ ନିୟୋଜିତ କରାଯାଉଅଛି ସଫେଇ କାର୍ଯ୍ୟ କିଏ ଦେଖିବ ? ଏହା ଉପରେ ଆଲୋଚନା କରାଗଲା । ପରିମଳ ନିରୀକ୍ଷକ ଓ ସ୍ୱଚ୍ଛସାଥି ମାନଙ୍କୁ ଜନଗଣନା ଓ S.I.R କାର୍ଯ୍ୟରେ ନିୟୋଜନ ନକରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ପ୍ରେମାନନ୍ଦ ଜେନା କହିଥିଲେ ଯେ, ହୋର୍ଡ଼ିଙ୍ଗ୍ ମ୍ୟାନେଜ୍‌ମେଂଟ ଜାଣିବା ପାଇଁ ମହୀଶୂର କିମ୍ବା ଓଟି ସହରକୁ Exposer Visit ରେ ଯିବାପାଇଁ ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିରେ ନିଷ୍ପତି ହୋଇଥିଲା, ତେଣୁ କମିଟି ଯିବାପାଇଁ ବ୍ୟବସ୍ଥା କରାଯାଉ । ଏହା ଉପରେ ଆଲୋଚନା କରାଗଲା । ସମସ୍ତ ଷ୍ଟାଣ୍ଡିଂ କମିଟିର ଚେୟାର୍‌ମ୍ୟାନ୍ ଓ ଚେୟାର୍‌ପର୍‌ସନ୍ ଭାରତର ବିଭିନ୍ନ ସହର Exposer Visit ରେ ଯିବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

**ପ୍ରସ୍ତାବ-୧.** ଗତ ତା ୨୫.୦୨.୨୦୨୬ ରିଖ ସ୍ୱତନ୍ତ୍ର ବୈଠକ ଓ ସାଧାରଣ ବୈଠକ ବିବରଣୀ ଦୃଢ଼ୀକରଣ :-

**ନିର୍ଦ୍ଧାରଣ-୧.** ଗତ ତା ୨୫.୦୨.୨୦୨୬ ରିଖ ସ୍ୱତନ୍ତ୍ର ବୈଠକ ଓ ସାଧାରଣ ବୈଠକ ବିବରଣୀ ସର୍ବ ସମ୍ମତିକ୍ରମେ ଦୃଢ଼ୀକରଣ କରାଗଲା ।

**ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରଶ୍ନ ଓ ଉତ୍ତର:- (ତା ୧୮.୦୪.୨୦୨୬ ରିଖ)**

<u>ଶ୍ରୀମତୀ ଇତିଶ୍ରୀ ଦାସ, ୱାର୍ଡ଼ ନଂ-୧୩ ଗତ ତା ୨୫.୦୨.୨୦୨୬ ରିଖର ପ୍ରଶ୍ନ</u>

ପ୍ରଶ୍ନ-୨(୧). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ରେ ସର୍ବସାଧାରଣଙ୍କ ନିମନ୍ତେ ଥିବା କେତୋଟି ଗଳି ରାସ୍ତାକୁ କେତେ ଜଣ ଜବରଦଖଲକାରୀ ବେଆଇନ୍ ଭାବେ ରାସ୍ତା ଉପରେ ଘର କରି ଭଡ଼ା ଦେଇ ଅର୍ଥ ଉପାର୍ଜନ କରୁଛନ୍ତି । ମୁଁ ଏ ବିଷୟରେ ଦୀର୍ଘ ଛଅ ମାସ ହେବ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ମଧ ଦୁଇ ଥର ଜୋନାଲ୍ ଡ଼େପୁଟି କମିଶନରଙ୍କୁ ଲିଖିତ ଚିଠି ଦେଲାପରେ ମଧ କୌଣସି କାର୍ଯ୍ୟକାରୀ ହେଲାନାହିଁ ଏବଂ ସେ ଲୋକମାନଙ୍କୁ ସମୟ ଦିଆଗଲା । ସରକାରଙ୍କୁ ଚ୍ୟାଲେଞ୍ଜ କରି ଉଚ୍ଚ ନ୍ୟାୟାଳୟ ଯିବାପାଇଁ କିନ୍ତୁ ଉଚ୍ଚ ନ୍ୟାୟାଳୟ ମଧ ଲୋକଙ୍କ ସପକ୍ଷରେ ମତ ଦେଇଛନ୍ତି । ଜନସାଧାରଣଙ୍କ ପାଇଁ ଥିବା ରାସ୍ତାକୁ କେହି ଜବରଦଖଲ କରିପାରିବେ ନାହିଁ କିନ୍ତୁ ଆଶ୍ଚର୍ଯ୍ୟର କଥା ଆମେ ଜନପ୍ରତିନିଧି ହୋଇ ଲୋକମାନଙ୍କ ଯାତାୟତର ସୁବିଧା ପାଇଁ ରାସ୍ତାକୁ ଜବରଦଖଲମୁକ୍ତ କରିବାକୁ ଲିଖିତ ଦେଲାପରେ ମଧ କାର୍ଯ୍ୟକାରୀ ହୋଇପାରୁନାହିଁ ଦୁଇଟି ରାସ୍ତା ଗୋଟେ ଏମ୍.ଆଇ.ଜି.ଟୁ ଏବଂ ଆଉ ଗୋଟେ ଇ.ଡ଼ବ୍ଲୁ.ଏସ୍ ଗଳି । ଦୟାକରି ଗୃହକୁ ଜଣାଇବେ କି କେବେ ଏହି ଦୁଇଟି ଗଳିକୁ ଜବରଦଖଲମୁକ୍ତ କରି

ଜନସାଧାରଣଙ୍କୁ ଦିଆଯିବ ଏବଂ ଯଦି ଜବରଦଖଲକାରୀମାନେ ରାସ୍ତା ଉପରେ ଘର କରି ଉଚ୍ଚ ନ୍ୟାୟାଳୟ ଯାଇ ସରକାରଙ୍କୁ ଚ୍ୟାଲେଞ୍ଜ କରି ବେଆଇନ୍ କାର୍ଯ୍ୟ କରିପାରୁଛନ୍ତି ସେ ଦିଗରେ ଆମ ବି.ଏମ୍.ସି ତରଫରୁ ଲିଗାଲ୍ ସେଲ୍ ବିଭାଗ କ'ଣ କାର୍ଯ୍ୟ କରି ଏ ଦିଗରେ ପଦକ୍ଷେପ ନେଇଛନ୍ତି ଓ ଆଗକୁ କ'ଣ ପଦକ୍ଷେପ ନେବେ ଗୃହକୁ ଜଣାଇବେ କି ?

ଉତ୍ତର-୨(୧). ୱାର୍ଡ଼ ନଂ-୧୩ ରେ ବିଭିନ୍ନ ପର୍ଯ୍ୟାୟରେ ଉଚ୍ଛେଦ କାର୍ଯ୍ୟ ମହାନଗର ନିଗମ ଉତ୍ତର ମଣ୍ଡଳ ଦ୍ୱାରା କରାଯାଉଅଛି । କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୮୭୦ ତା ୦୩.୦୨.୨୦୨୫ ରିଖ ମୁତାବକ ତା ୧୦.୦୨.୨୦୨୫ ରିଖରେ ଉଚ୍ଛେଦ ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ଉକ୍ତ ଦିନ ପୋଲିସ୍ ନମିଳିବାରୁ ଉଚ୍ଛେଦ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇପାରିନଥିଲା । ପରବର୍ତ୍ତୀ ସମୟରେ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୮୬୨୬ ତା ୦୯.୧୦.୨୦୨୫ ରିଖ ମୁତାବକ ତା ୦୩.୧୧.୨୦୨୫ ରିଖ ଦିନ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ ଯୋଗୁଁ ଓ ପର୍ଯ୍ୟାପ୍ତ ପୋଲିସ୍ ସହାୟତା ନମିଳିବାରୁ ଉଚ୍ଛେଦ କାର୍ଯ୍ୟ ହୋଇପାରିନଥିଲା । ପୁନଶ୍ଚ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୧୦୫୫୬ ତା ୦୨.୧୨.୨୦୨୫ ରିଖ ମୁତାବକ ତା ୦୫.୧୨.୨୦୨୫ ରିଖରେ ଉଚ୍ଛେଦ ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବା ସମୟରେ ଶ୍ରୀ ସିଦ୍ଧାର୍ଥ ପାତ୍ର ନାମକ ବ୍ୟକ୍ତି ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରହିତାଦେଶର ନକଲ ଦାଖଲ କରିଥିଲେ ଯାହା ଫଳରେ ଉକ୍ତ ସ୍ଥାନରେ ଉଚ୍ଛେଦ କାର୍ଯ୍ୟ ହୋଇପାରିନଥିଲା ।

ପ୍ରଶ୍ନ-୨(୨). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ରେ ଥିବା ନୀଳମାଧବ ନିବାସରେ ବଂଟନ ହୋଇଥିବା ଘର ଗୁଡ଼ିକ ପ୍ରକୃତ ହିତାଧିକାରୀଙ୍କୁ ଦିଆଯାଇନାହିଁ କାରଣ ରାଜ୍ୟ ସରକାରଙ୍କର ଯେଉଁ ଉଦ୍ଦେଶ୍ୟ ଥିଲା କି ବସ୍ତିରେ ରହୁଥିବା ଗରିବ ଲୋକଟିକୁ ଏକ ଛାତ ଘର ଦିଆଗଲେ ସେ ସମ୍ମାନର ସହ ବାସ କରିବ କିନ୍ତୁ ନୀଳମାଧବ ନିବାସରେ ସରକାରଙ୍କ କଥାକୁ ଖୋଲା ଉଲ୍ଲଙ୍ଘନ କରାଯାଇ ବର୍ତ୍ତମାନ ସେଠାରେ ଘର ଗୁଡ଼ିକୁ ଚଂଚକତା କରି ସେ ସମୟରେ ବନ୍ଧୁବାନ୍ଧବଙ୍କ ନାଆଁ ପୁରାଇ ଏବେ ସେଠାରେ ଘର ପାଇଥିବା ୪୦% ଲୋକ ରହୁଥିବାବେଳେ ୬୦% ଘରଭଡ଼ା ନଅ ହଜାର ଟଙ୍କାରେ ଚଢ଼ା ଦରରେ ଭଡ଼ା ଦେଇ ପୁଣି କାହା ସାହାସରେ ସେମାନେ ତା ୧୨.୦୩.୨୦୨୬ ରିଖରେ ବି.ଏମ୍.ସି ଅଫିସ୍ ଘେରାଉ କରି ପୁଅ ଯୋଜନାରେ ସେମାନଙ୍କ ବିବାହିତ ପୁଅ ଏବଂ ଝିଅ ମାନଙ୍କୁ ସାମିଲ କରିବା ପାଇଁ ଦାବି କରିଛନ୍ତି । କିଛି ଦିନ ତଳେ ଏକ ଅଭିଯୋଗ ଆଧାରରେ ବି.ଡ଼ି.ଏ ଏବଂ ବି.ଏମ୍.ସି ର ମିଳିତ ଚଢାଉରେ ଦୁଇଟି ଭଡ଼ାଘର ସିଜ୍ କରାଯାଇଥିଲେ ମଧ ଖାତିର ନକରି ପୁଣି ଭଡ଼ା ଦିଆଗଲା । ବାପା ମା' ମାନେ ନୀଳମାଧବ ଆବାସରେ ଘର ପାଇଲା ପରେ ମଧ କ'ଣ ପାଇଁ ଟ୍ରାଞ୍ଜିଟ୍ ହାଉସ୍ ନଛାଡ଼ି ଜୋର୍ ଜବରଦସ୍ତ ତାଲା ପକାଇ ରଖିଛନ୍ତି ଏବଂ ଦାବି କରୁଛନ୍ତି ବିବାହିତ ପୁଅ ଏବଂ ଝିଅ ମାନଙ୍କୁ ଘର ଦେଲାପରେ ସେମାନେ ସେ ଘର ଛାଡ଼ିବେ ବୋଲି । ମୁଁ ନିର୍ଦ୍ଦିଷ୍ଟ ଭାବେ ଆପଣଙ୍କ ମାଧ୍ୟମରେ ଏହି ଜରୁରୀ ପ୍ରଶ୍ନ ଗୁଡ଼ିକର ଉତ୍ତର ଚାହେଁ ।

(କ) ସରକାରଙ୍କ ତରଫରୁ କୌଣସି ନିର୍ଦ୍ଦେଶନାମା ଜାରି କରାଯାଇଛି କି ନୀଳମାଧବ ଆବାସରେ ଜଣେ ହିତାଧିକାରୀ ଘର ପାଇବା ପରେ ମଧ ତାଙ୍କ ପରିବାରରେ ବିବାହିତ ପୁଅ ଏବଂ ଝିଅକୁ ଘର ଦେବାପାଇଁ ବ୍ୟବସ୍ଥା କରାଯାଉଛି ନା ବି.ଡ଼ି.ଏ ଏବଂ ବି.ଏମ୍.ସି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା ନୀଳମାଧବ ଆବାସର ବିବାହିତ ପୁଅ ଏବଂ ଝିଅ ମାନଙ୍କ ପାଇଁ କରାଯାଇଛି ଯଦି ସରକାରଙ୍କ ତରଫରୁ ହୋଇଛି ଗୃହରେ ସେହି ନିର୍ଦ୍ଦେଶନାମା ସମସ୍ତଙ୍କ ଅବଗତି ନିମନ୍ତେ ଦିଆଯିବ କି ?

(ଖ) ଯଦି ସରକାରଙ୍କ ତରଫରୁ ନୀଳମାଧବ ଆବାସରେ ପାଇଥିବା ହିତାଧିକାରୀ ମାନଙ୍କ ବିବାହିତ ପୁଅ ଏବଂ ଝିଅ ମାନଙ୍କ ପାଇଁ ଘର ବ୍ୟବସ୍ଥା କରାଯାଉଛି ଏବଂ ଗୋଟେ ବାପର ଯେତେଟା ବିବାହିତ ପୁଅ ଏବଂ ଝିଅ ଥିବେ ସେମାନଙ୍କୁ ସେତେଟା ଘର ମିଳିବ । ତେବେ ଭୁବନେଶ୍ୱର ସାରା ୬୭ ଗୋଟି ୱାର୍ଡ଼ର ବସ୍ତିବାସିନ୍ଦାମାନେ ପାଇଥିବା ଆବାସରେ ସେମାନଙ୍କ ବିବାହିତ ପୁଅ ଏବଂ ଝିଅ ମାନଙ୍କ ପାଇଁ ମଧ ଏହି ନିୟମ ଲାଗୁ କରାଯିବ କି ?

(ଗ) ଯଦି ସେମିତି କିଛି ବ୍ୟବସ୍ଥା ନାହିଁ ବି.ଏମ୍.ସି ତରଫରୁ କ'ଣ କାର୍ଯ୍ୟାନୁଷ୍ଠାନ ବର୍ତ୍ତମାନ ସୁଦ୍ଧା ନିଆଯାଇଛି ନୀଳମାଧବ ଆବାସର ଲୋକମାନେ ଜବରଦଖଲରେ ରଖିଥିବା ଟ୍ରାଞ୍ଜିଟ୍ ହାଉସ୍ ଉଦ୍ଧାର କରିବା ପାଇଁ ?

(ଘ) ୬୦% ଅଯୋଗ୍ୟ ହିତାଧିକାରୀ ଭଡ଼ା ଦେଇ ମୋଟା ଅଙ୍କ ରୋଜଗାର କରୁଥିବା ଲୋକଙ୍କ ବିରୁଦ୍ଧରେ ତଦନ୍ତ କରାଯାଇ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କି ? ଆଗାମୀ ଦିନରେ କ'ଣ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଯାହା ଫଳରେ ସରକାରୀ ଘରକୁ ଭଡ଼ା ଦେବାପାଇଁ ଚିନ୍ତା କରିପାରିବେନି ଦୟାକରି ଗୃହକୁ ଜଣାଇବେ କି ?

(ଙ) ସରକାରଙ୍କ ତରଫରୁ ନୀଳମାଧବ ଆବାସ ଘର ନିର୍ମାଣ ପୂର୍ବରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା ଯେ, ମୋ ୱାର୍ଡ଼ର ନୀଳମାଧବ ବସ୍ତି ସହ ସିଅନ ଶ୍ରମିକ ବସ୍ତି ଏବଂ ଅନନ୍ତ ବସ୍ତିର ଲୋକମାନେ ମଧ୍ୟ ଏହି ଆବାସରେ ସାମିଲ ହେବେ ବୋଲି କିନ୍ତୁ ସେମାନେ ଏପର୍ଯ୍ୟନ୍ତ ଖଣ୍ଡେ ଘର ପାଇନଥିବା ବେଳେ ନୀଳମାଧବ ନିବାସରେ ଘର ପାଇଥବା ହିତାଧିକାରୀ ବିବାହିତ ପୁଅ ଏବଂ ଝିଅ ମାନଙ୍କ ପାଇଁ ଆହୁରି ଘର ନେବାପାଇଁ ଦାବି କରିଆସୁଛନ୍ତି । ମୁଁ ନିର୍ଦ୍ଦିଷ୍ଟ ଭାବେ ଜାଣିବାକୁ ଚାହେଁ ସିଅନ ଶ୍ରମିକ ବସ୍ତି ଏବଂ ଅନନ୍ତ ବସ୍ତିର ବାସିନ୍ଦାମାନଙ୍କୁ ଏହି ଆବାସ ବଂଟନରେ ଭାଗ ନେବାପାଇଁ ସୁଯୋଗ ଦିଆଯିବାର କିଛି ବ୍ୟବସ୍ଥା କରାଯାଇଛି କି ନା ସେହି ଆବାସରେ ଘର ପାଇଥବା ହିତାଧିକାରୀଙ୍କ ବିବାହିତ ପୁଅ ଏବଂ ଝିଅ ମାନଙ୍କୁ ସବୁ ଘର ଗୁଡ଼ିକ ଦେବାପାଇଁ ବି.ଡ଼ି.ଏ ଏବଂ ବି.ଏମ୍.ସି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ଦୟାକରି ଗୃହକୁ ଜଣାଇବେ କି ?

ଉତ୍ତର-୨(୨). (କ)ନୀଳମାଧବ ଗୃହ ପ୍ରକଳ୍ପଟି RAY ସର୍ଭେ ଅନୁଯାୟୀ ଗୃହ ତାଲିକା କରାଯାଇଥିଲା । ଏହା ଏକ in-situ ଗୃହ ପ୍ରକଳ୍ପ ହୋଇଥିବାରୁ ସେମାନଙ୍କ ଥଇଥାନ ଏବଂ ସେମାନଙ୍କର ବୟସ୍କ ବିବାହିତ ପିଲାମାନଙ୍କୁ ସେହିଠାରେ ଥଇଥାନ ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ନିର୍ଦ୍ଦେଶନାମା ଜାରି କରାଯାଇଛି ।

(ଖ) ସରକାରଙ୍କ ତରଫରୁ ଅନ୍ୟ ଗୃହ ପ୍ରକଳ୍ପ ନିମନ୍ତେ ସେଭଳି କୌଣସି ନିର୍ଦ୍ଦେଶାବଳୀ ନାହିଁ । ସେମାନେ ଦୀର୍ଘ ଦିନ ଧରି ଟ୍ରାଞ୍ଜିଟ୍‌ରେ ରହୁଥିବାରୁ ସେମାନଙ୍କ ପିଲାମାନେ ବୟସ କ୍ରମେ ବିଭାହୋଇ ସେହିଠାରେ ରହୁଛନ୍ତି ତେଣୁ କେବଳ ନୀଳମାଧବ ଗୃହ ପ୍ରକଳ୍ପ ନିମନ୍ତେ ଉଦ୍ଦିଷ୍ଟ ।

(ଗ) ସେହି ଟ୍ରାଞ୍ଜିଟ୍ ଗୃହ ଗୁଡ଼ିକ ବି.ଡ଼ି.ଏ ଅଧିନରେ ଓ ବି.ଡ଼ି.ଏ ଦ୍ୱାରା ପରିଚାଳିତ ହେତୁ ସ୍ଥିତି ପରଖିବା ପରେ ସେମାନଙ୍କର ବଷୟକୁ ବିଚାରକୁ ନିଆଯାଇ ପ୍ରକୃତ ହିତାଧିକାରୀମାନଙ୍କୁ ଘର ଦିଆଯାଉଅଛି ଏବଂ ଜବରଦଖଲ ବିଷୟ ବି.ଡ଼ି.ଏ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଅଛି ।

(ଘ)ଏ ସଂକ୍ରାନ୍ତରେ କୌଣସି ବିଧିବଦ୍ଧ ସୂଚନା ବି.ଏମ୍.ସି କର୍ତ୍ତୃପକ୍ଷଙ୍କ ହସ୍ତଗତ ହୋଇନାହିଁ । ଯଦି ଏଭଳି କୌଣସି ଅଭିଯୋଗ ଆସେ ବି.ଏମ୍.ସି ଏହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏ ସମ୍ପର୍କରେ ପରବର୍ତ୍ତୀ ସମୟରେ ଆକସ୍ମିକ ଚଢାଉ ନିମନ୍ତେ କର୍ତ୍ତୃପକ୍ଷଙ୍କ ଗୋଚରକୁ ନିଆଯାଇ ଅନୁମୋଦନ କ୍ରମେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

(ଙ) RAY ସ୍କିମ୍ ସର୍ଭେ ସମୟରେ ସିଅନ ଶ୍ରମିକ ବସ୍ତି ଏବଂ ଅନନ୍ତ ବସ୍ତି ଦୁଇଟିକୁ ନୀଳମାଧବ ଆବାସ ଯୋଜନାରେ ତାଲିକାଭୁକ୍ତ କରାଯାଇଥିଲା । ପରବର୍ତ୍ତୀ ସମୟରେ ଜାଗା ମିଶନ୍ ସ୍କିମ୍ ଲାଗୁ ହେଲାପରେ ଏହି ବସ୍ତି ଦୁଇଟି ନୀଳମାଧବ ଆବାସ ଯୋଜନାରୁ ବାଦ୍ କରାଗଲା ଏବଂ ଜାଗା ମିଶନ୍ ତାଲିକାଭୁକ୍ତ କରାଯାଇ ସେମାନଙ୍କୁ ଭୂମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ସେମାନଙ୍କୁ ନିକଟ ଭବିଷ୍ୟତରେ ବିସ୍ଥାପିତ କରିବା କିମ୍ବା କୌଣସି AHP ପ୍ରକଳ୍ପରେ ଥଇଥାନ କରିବା କାର୍ଯ୍ୟକ୍ରମ ନାହିଁ ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ମୋ ୱାର୍ଡ଼ରେ ଲୋକଙ୍କ ଘର ଭଙ୍ଗାଗଲା, କିନ୍ତୁ କେତେ ଜଣଙ୍କୁ ଗୃହ ଦିଆଗଲା ନାହିଁ । ଏହା ଉପରେ ଆଲୋଚନା କରାଗଲା । ଯେଉଁଠାରୁ ଘର ଭଙ୍ଗାଯାଉଅଛି ସେହି ୱାର୍ଡ଼ର କର୍ପୋରେଟରଙ୍କ ସହିତ ଆଲୋଚନା କରି ଆଫୋର୍ଡ଼େବୁଲ୍ ଗୃହ ଆବଂଟନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରଶ୍ନ-୨(୩). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ରେ ଥିବା ଲକ୍ଷ୍ମୀନାରାୟଣ ଭେଣ୍ଡିଂଜୋନ୍‌ରେ ଜଣେ ଲୋକ କିଭଳି ବେଆଇନ୍ ଭାବେ ଟଂଚକତା କରି ବି.ଏମ୍.ସି ଜାଗାରେ କିଭଳି ଭାବେ ଇଲେକ୍ଟ୍ରି ସବ୍‌ଷ୍ଟେସନ୍ ବସାଇ ସେଠାରେ ଥିବା ବ୍ୟବସାୟୀ ମାନଙ୍କ ଠାରୁ ଆଜିକା ଦିନରେ ମଧ୍ୟ ୟୁନିଟ୍ ପିଛା ୧୫ ଟଙ୍କା ଜୋର୍ ଜବରଦସ୍ତ ଆଦାୟ କରିଚାଲିଛି । ଏ ବିଷୟରେ ଦୁଇ ବର୍ଷ ତଳେ ସାଧାରଣ ସଭାରେ ଗୃହର ଦୃଷ୍ଟି ଆକର୍ଷଣ କଲାପରେ ଏହାକୁ ବେଆଇନ୍ ଦର୍ଶାଇ ଉତର ଜୋନ୍‌କୁ ତଦନ୍ତ କରି ତୁରନ୍ତ ବେଆଇନ୍ ସବ୍‌ଷ୍ଟେସନ୍‌କୁ ହଟାଇବାକୁ ପଦକ୍ଷେପ ନିଆଯିବ ବୋଲି ଉତର ମିଳିଥିଲା, କିନ୍ତୁ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଗଲା ନାହିଁ ଯାହା ଫଳରେ ଗରିବ ବ୍ୟବସାୟୀମାନେ ଆଜି ପର୍ଯ୍ୟନ୍ତ ଇଲେକ୍ଟ୍ରି ଏକ ମୌଳିକ ସୁବିଧା ପାଇପାରିଲେ ନାହିଁ । ଏକ ବର୍ଷ ହେବ

ସେମାନେ ବି.ଏମ୍.ସି ଧାର୍ଯ୍ୟ କରିଥିବା ୟୁଜର ଫିସ୍ ମଧ ଦେଉଛନ୍ତି । ମୁଁ ନିର୍ଦ୍ଦିଷ୍ଟ ଭାବେ ଜାଣିବାକୁ ଚାହେଁ ମୁଁ ଗୃହରେ ଦୁଇ ବର୍ଷ ତଳେ ଅବଗତ କରାଇବା ପରେ ମଧ ଆଜି ପର୍ଯ୍ୟନ୍ତ କ'ଣ ପାଇଁ ସେ ବେଆଇନ୍ ଭାବେ ବି.ଏମ୍.ସି ଜାଗାରେ ସବ୍‌ଷ୍ଟେସନ୍ ଜଣେ ବ୍ୟକ୍ତି ବସାଇ ଗରିବ ବ୍ୟବସାୟୀଙ୍କ ଠାରୁ ମୋଟା ଅଙ୍କ ରୋଜଗାର କରୁଥିବା ବ୍ୟକ୍ତି ବିରୁଦ୍ଧରେ ଇଲେକ୍ଟ୍ରି ବିଭାଗକୁ ଅବଗତ କରାଇ କ'ଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ଏବଂ ସେ ବେଆଇନ୍ ସବ୍‌ଷ୍ଟେସନ୍‌କୁ ସେଠାରୁ ହଟାଇବା ପାଇଁ କ'ଣ ପଦକ୍ଷେପ ବି.ଏମ୍.ସି ତରଫରୁ ନିଆଯାଇଛି ନା ଆଉ କେତେ ଦିନ ନା କେତେ ବର୍ଷ ଲାଗିବ ଦୟାକରି ଗୃହକୁ ଜଣାଇବେ କି ?

ଉତ୍ତର-୨(୩). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ୪୨ ଗୋଟି ଅନଧିକୃତ ଭେଣ୍ଡିଂଜୋନ୍ ମଧରୁ ଲକ୍ଷ୍ମୀନାରାୟଣ ଭେଣ୍ଡିଂଜୋନ୍ ଗୋଟିଏ ଭେଣ୍ଡିଂଜୋନ୍ । ବର୍ତ୍ତମାନ ଭୁବନେଶ୍ୱର ମହାନଗର ନିଗମ ଉକ୍ତ ଭେଣ୍ଡିଂଜୋନ୍ ରୁ Service Charges ଏବଂ ଟ୍ରେଡ୍ ଲାଇସେନ୍ସ ସଂଗ୍ରହ କରିବା ପାଇଁ ନିଷ୍ପତି ନିଆଯାଇଅଛି । ଏହି ଆଧାରରେ ଉକ୍ତ ଭେଣ୍ଡରମାନେ ସେମାନଙ୍କର ଦୋକାନ ଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ପାଇଁ ବିଦ୍ୟୁତ୍ ବିଭାଗକୁ ଆବେଦନ କରିପାରିବେ । ଲକ୍ଷ୍ମୀନାରାୟଣ ଭେଣ୍ଡିଂଜୋନ୍‌ରେ ବେଆଇନ୍ electric substation ବସାଯାଇଥିବା ତଥ୍ୟ ବିଭାଗରେ ନାହିଁ । ଏହି ତଥ୍ୟ ଉପ ଆୟୁକ୍ତ ଉତର ମଣ୍ଡଳ ଦ୍ୱାରା ଅନୁସନ୍ଧାନ କରି ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ।

<u>ଶ୍ରୀ ଆଶିଷ କୁମାର ପଟ୍ଟନାୟକ, ୱାର୍ଡ ନଂ-୪୨</u>

ପ୍ରଶ୍ନ-୨(୪). ବିଲ୍ଡର୍ ମାନଙ୍କୁ R&B କିପରି ରାସ୍ତା ଖୋଳିବାକୁ ବି.ଏମ୍.ସି ର ବିନା ଅନୁମତିରେ ଦେଉଛନ୍ତି । କୌଣସି ଅଘଟଣ ଘଟିଲେ ତାହାର ଦାୟୀ କିଏ ହେବ ? TPCODL, WATCO ସେମାନଙ୍କର ପାଇପ୍ ପକାଇବା ପାଇଁ ମନଇଚ୍ଛା ରାସ୍ତା ଖୋଳି ଖରାପ କରୁଛନ୍ତି । ରାସ୍ତା ମରାମତି ପରେ ସେଗୁଡ଼ିକ ଅତି ନିମ୍ନମାନର ହେଉଥିବାରୁ ଜନସାଧାରଣଙ୍କ ଅସନ୍ତୋଷ ଦେଖାଯାଉଛି । ଏଥିପାଇଁ କର୍ପୋରେଟରଙ୍କୁ ଦାୟୀ କରୁଛନ୍ତି । ବିଲ୍ଡର୍ ମାନେ କାହିଁକି NOC ଦେଖାଇବେ ନାହିଁ ଏବଂ ପେରିଫେରି କାର୍ଯ୍ୟ ଗୁଡ଼ିକ କାହିଁକି ଜନସାଧାରଣଙ୍କୁ ଜଣାଇବେ ନାହିଁ ?

ଉତ୍ତର-୨(୪). TPCODL, WATCO, JIO Airtel ସଂସ୍ଥା ମାନେ ରାସ୍ତା ଖୋଳିବା ନିମନ୍ତେ ବି.ଏମ୍.ସି ରେ ଆବେଦନ କରିବା ପରେ ଉକ୍ତ ଦରଖାସ୍ତକୁ ଭିତିକରି ସମ୍ପୃକ୍ତ ଅଂଚଳର Executive Engineer (R & B) ଓ BSCL କର୍ତ୍ତୃପକ୍ଷଙ୍କ ନିକଟକୁ ଉକ୍ତ ଅଂଚଳର ତଦାରଖ କରି ଏକ ଅଟକଳ ଦାଖଲ କରିବା ନିମନ୍ତେ ଅନୁରୋଧ କରାଯାଏ । ସମ୍ପୃକ୍ତ Executive Engineer ମାନଙ୍କର ଅଟକଳ ମୁତାବକ ଅର୍ଥ ବି.ଏମ୍.ସି ରେ ଦାଖଲ କରାଯିବା ପରେ NOC ପ୍ରଦାନ କରାଯାଏ ଓ ଏଥି ନିମନ୍ତେ Security deposit ରଖାଯାଏ । ଖୋଳାଯାଇଥିବା ରାସ୍ତାର କାର୍ଯ୍ୟ ଶେଷ ହେଲାପରେ Security deposit ଫେରସ୍ତ କରାଯାଏ ।

ପ୍ରଶ୍ନ-୨(୫). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ରେ ବହୁତ ଛୋଟ ବଡ଼ ହୋଟେଲ୍ ମାନ ଅଛି । ସେମାନଙ୍କର ଖାଦ୍ୟର ମାନ ଯାଂଚ୍ ପାଇଁ ବାରମ୍ବାର ଲେଖିବା ସତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ କାହିଁକି ? ବାରମ୍ବାର ୱାର୍ଡ଼ରେ ହେଉଛି ବୋଲି ଅଫିସ୍ କାହିଁକି କହୁଛନ୍ତି, ଯଦି କରୁଛନ୍ତି ତା'ର ପ୍ରମାଣ କ'ଣ ? Fire Safety ବି ଚେକିଙ୍ଗ୍ କରାଯାଉନି । ବି.ଏମ୍.ସି କ'ଣ ଆଉ ଏକ ବଡ଼ ଦୁର୍ଘଟଣା ପାଇଁ ଅପେକ୍ଷାରେ ଅଛି ।

ଉତ୍ତର-୨(୫). ଖାଦ୍ୟ ନିରାପତା ଅଧିକାରୀ ଦ୍ୱାରା ଓଲ୍ଡ଼ ଷ୍ଟେସନ୍ ବଜାର ଓ ବୁଦ୍ଧେଶ୍ୱରୀ କଲୋନୀରେ ଥିବା ହୋଟେଲ୍ ଓ ରେଷ୍ଟୁରାଂଟ୍ ଯାଂଚ୍ କରାଯାଇଅଛି । ଏଫ୍‌ଏସ୍‌ଏସ୍‌ଏଆଇ ଲାଇସେନ୍ସ/ ରେଜିଷ୍ଟ୍ରେସନ୍ ଯାଂଚ୍ କରାଯାଇଅଛି । ଖାଦ୍ୟ ନମୁନା ନେଇ ଲ୍ୟାବ୍‌ରେ ପରୀକ୍ଷା ପାଇଁ ପଠାଯାଇଥିଲା ଏବଂ ତାହାର କପି ସମ୍ପର୍କିତ ବ୍ୟବସାୟୀଙ୍କୁ ଦିଆଯାଇଅଛି । ତିଆରି ଖାଦ୍ୟରେ ଖାଦ୍ୟ ରଙ୍ଗ ବ୍ୟବହାର, ନିୟମ ଉଲ୍ଲଙ୍ଘନ ଏବଂ ଏଫ୍‌ଏସ୍‌ଏସ୍‌ଏଆଇ ଲାଇସେନ୍ସ ନଥିବା ପାଇଁ ଟ ୧୭,୦୦୦/-ଙ୍କା ଜୋରିମାନା ଲାଗୁ କରାଯାଇଅଛି । ଭାରତୀୟ ଖାଦ୍ୟ ନିରାପତା ଓ ମାନକ ପ୍ରାଧିକରଣ ଆଇନ୍-୨୦୦୬ ଅନୁଯାୟୀ ଅନୁପାଳନ ନଥିବାରୁ ସୁଧାର ସୂଚନା (Improvement Notice) ଦିଆଯାଇଅଛି ।

<u>ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ୱାର୍ଡ଼ ନଂ-୩୧</u>

ପ୍ରଶ୍ନ-୨(୬). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିର୍ମାଣ ହେଉଥିବା ବହୁତଳ ପ୍ରାସାଦ ପାଇଁ ବିଲ୍ଡ଼ର୍ ମାନେ ନେଉଥିବା ଫାଇନାଲ୍ ଏନ୍.ଓ.ସି ନିମନ୍ତେ ସମ୍ପୃକ୍ତ ୱାର୍ଡ଼ର ଜେ.ଇ, ଏ.ଇ. ଦାଖଲ କରୁଥିବା ଇ.ଆଇ.ଡ଼ି.ପି ଡ଼ିଭିଜନ୍ ର ଏକ୍ଜିକ୍ୟୁଟିଭ୍ ଇଞ୍ଜିନିୟର୍ ଦସ୍ତଖତ କରି ଦେଲାପରେ ପୁନଃବାର କେଉଁ ଅଧିକାରୀ ତାହାକୁ ପରିବର୍ତ୍ତନ କରୁଛନ୍ତି, ଯଦି କରୁଛନ୍ତି ସମ୍ପୃକ୍ତ ୱାର୍ଡ଼ର ଜେ.ଇ, ଏ.ଇ. ଙ୍କ ସହିତ ଆଲୋଚନା କରାଯାଇ ପରିବର୍ତ୍ତନ କରାଯାଉଅଛି କି ? ଏବଂ ସେହି ୱାର୍ଡ଼ର କର୍ପୋରେଟରଙ୍କ ସହିତ ଏହି ପରିବର୍ତ୍ତନ ବିଷୟରେ ଆଲୋଚନା କରାଯାଉଅଛି କି ?

ଉତ୍ତର-୨(୬). ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିର୍ମାଣ ହେଉଥିବା ବହୁତଳ ପ୍ରାସାଦ ପାଇଁ ବିଲ୍ଡ଼ର୍ ମାନେ ନେଉଥିବା ଫାଇନାଲ୍ ଏନ୍.ଓ.ସି ନିମନ୍ତେ ସମ୍ପୃକ୍ତ ୱାର୍ଡ଼ର ଜେ.ଇ, ଏ.ଇ. ମାନଙ୍କ ଦ୍ୱାରା ଅଟକଳ (Estimate) ପ୍ରସ୍ତୁତ କରାଯାଇ ନିର୍ବାହୀ ଯନ୍ତ୍ରୀ, ଟେଣ୍ଡର ସେଲ୍, ବି.ଏମ୍.ସି ଙ୍କ ନିକଟକୁ ପରବର୍ତ୍ତୀ କାର୍ଯ୍ୟ ନିମନ୍ତେ ପ୍ରେରଣ କରାଯାଏ । ଏହାକୁ କମିଶନରଙ୍କ ଅଧକ୍ଷତାରେ ବସୁଥିବା ଇ.ଆଇ.ଡ଼ି.ପି କମିଟିରେ ନଗର ଯନ୍ତ୍ରୀ, ନଗର ଯୋଜନାକାରୀ ଏବଂ ସମସ୍ତ ନିର୍ବାହୀ ଯନ୍ତ୍ରୀଙ୍କ ଉପସ୍ଥିତିରେ ଉପସ୍ଥାପନ କରି ଏ ବାବଦରେ ଚୂଡ଼ାନ୍ତ ନିଷ୍ପତି ନିଆଯାଏ ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ଆମେ ଜାଣିବାରେ ଗୋଟିଏ ଇ.ଆଇ.ଡ଼ି.ପି ଯାଉଅଛି ତାହା ଉପରେ ଆମେ ନଜାଣି କିପରି ବଦଳି ଯାଉଅଛି । ଟେଣ୍ଡର ସେଲ୍ କାମ କ'ଣ, ଇ.ଆଇ.ଡ଼ି.ପି ଫାଇଲ୍ ସେଠାକୁ କାହିଁକି ଯାଉଅଛି । ଏହା ଉପରେ ଆଲୋଚନା କରାଗଲା । ଇ.ଆଇ.ଡ଼ି.ପି ଫାଇଲ୍ ଆଉ ଟେଣ୍ଡର ସେଲ୍କୁ ନଯିବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଅମରେଶ ଜେନା କହିଥିଲେ ଯେ, ନିଗମାଂଚଳରେ ନିର୍ମାଣ ହେଉଥିବା ବହୁତଳ ପ୍ରାସାଦ ନିକଟରେ ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପୃକ୍ତ ୱାର୍ଡ଼ର କର୍ପୋରେଟର ହିଁ ଜାଣନ୍ତି, ତେଣୁ ଏହି କମିଟିରେ ମାନନୀୟା ମେୟର ଓ ସମ୍ପୃକ୍ତ ୱାର୍ଡ଼ର କର୍ପୋରେଟରଙ୍କୁ ରଖାଯାଉ ଏବଂ ଯେଉଁ ରୋଡ଼୍ ଗିପ୍ଟି ହେଉଅଛି ସେହି କମିଟିରେ ମାନନୀୟା ମେୟରଙ୍କୁ ରଖାଯାଉ ବୋଲି ପ୍ରସ୍ତାବ ଦେଇଥିଲେ । ଏହା ଉପରେ ଆଲୋଚନା କରାଗଲା । ଇ.ଆଇ.ଡ଼ି.ପି କମିଟିରେ ମାନନୀୟା ମେୟର ଓ ସମ୍ପୃକ୍ତ ୱାର୍ଡ଼ କର୍ପୋରେଟର ଏବଂ ରୋଡ଼୍ ଗିପ୍ଟି କମିଟିରେ ମାନନୀୟା ମେୟରଙ୍କୁ ରଖିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରଶ୍ନ-୨(୭). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ରେ ଏକ ପାର୍କ ନିର୍ମାଣ ନିମନ୍ତେ ଏବଂ ଏକ ପୋତି ହୋଇଯାଇଥିବା ପୋଖରୀର ପୁନଃଉଦ୍ଧାର ନିମନ୍ତେ କର୍ପୋରେସନରେ ନିଷ୍ପତି ହୋଇଥିଲା, ଏହା କେବେ କରାଯିବ ?

ଉତ୍ତର-୨(୭). ୱାର୍ଡ଼ ନଂ-୩୧ ଦାୟିତ୍ୱରେ ଥିବା Horticulture Supervisor ରିପୋର୍ଟ ଅନୁସାରେ ମନୋରମା ଆପାର୍ଟମେଂଟ ପରିସର ମଧ୍ୟରେ ଏକ ଜାଗା ନୂତନ ପାର୍କ ପାଇଁ ଜାଗା ଚିହ୍ନଟ କରାଯାଇଛି ଯାହାର ଖାତା ନଂ-୧୦୭୨, ପ୍ଲଟ୍ ନଂ-୫୨ ଏବଂ କିସମ ଘରବାରି ଅଟେ । ଏହି ଚିହ୍ନଟ ଜାଗାଟିରେ ଚତୁଃପାର୍ଶ୍ୱରେ କଂକ୍ରିଟ ପ୍ରାଚୀର ଏବଂ ଟିଣର ଗେଟ୍ ରହିଛି । ଏହି ଜାଗାଟିର ନୂତନ ପାର୍କ ନିର୍ମାଣ କରିବା ପାଇଁ ନଗର ଯନ୍ତ୍ରୀଙ୍କୁ ପତ୍ରସଂଖ୍ୟା-୬୬୯୮୨ ତା ୩୦.୧୨.୨୦୨୫ ରିଖ ମାଧ୍ୟମରେ ଉପଯୁକ୍ତ ପଦକ୍ଷେପ ନେବା ସହ ଦକ୍ଷିଣ-ପୂର୍ବ ମଣ୍ଡଳ ଅଧିକାରୀଙ୍କୁ ମେମୋ ନଂ-୬୬୯୮୩ ତା ୩୦.୧୨.୨୦୨୫ ରିଖ ଦ୍ୱାରା ଉକ୍ତ ପ୍ଲଟ୍ର ଉପଯୁକ୍ତ (feasibility) ରିପୋର୍ଟ ଦେବାପାଇଁ ଅବଗତ କରାଯାଇଛି ।

ୱାର୍ଡ଼ ନଂ-୩୧ ଅନ୍ତର୍ଗତ ଶବର ବସ୍ତି ନିକଟସ୍ଥ ଜଳାଶୟର ସର୍ଭେ କାର୍ଯ୍ୟ ସମ୍ପନ୍ନ ହୋଇଛି ଏବଂ ତହସିଲ, ସାଉଥ୍-ଇଷ୍ଟ ଜୋନ୍, ବି.ଡ଼ି.ଏ ଓ ଲ୍ୟାଣ୍ଡ୍ ସେକ୍ସନ୍ ସହିତ ସଂଯୁକ୍ତ ଭାବେ ଫିଲଡ଼୍ ଡ଼ିମାର୍କେସନ୍ କରାଯାଇଛି ।

<u>ଶ୍ରୀମତୀ ଜୟନ୍ତି ସାହୁ, ୱାର୍ଡ଼ ନଂ-୧୨</u>

ପ୍ରଶ୍ନ-୨(୮). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ୧୨ ନମ୍ବର ୱାର୍ଡ଼ର ବସ୍ତିବାସିନ୍ଦାଙ୍କୁ ଘର ଦେବା କଥା କହି କେଉଁମାନଙ୍କ ଠାରୁ ୫୦,୦୦୦, ୮୦,୦୦୦ ଏବଂ ଲକ୍ଷ ଲକ୍ଷ ଟଙ୍କା ନିଆଯାଇଥିଲା । ସେମାନଙ୍କୁ ଏପର୍ଯ୍ୟନ୍ତ କାହିଁକି ଜାଗା କି ଗୃହ ଦିଆଯାଉନାହିଁ କିମ୍ବା ତାଙ୍କର ପଇସା କାହିଁକି ଫେରସ୍ତ କରାଯାଉନାହିଁ ?

ଉତ୍ତର-୨(୮). ୧୨ ନମ୍ବର ୱାର୍ଡ଼ର ବସ୍ତିବାସିନ୍ଦାଙ୍କ ଠାରୁ ଘର ଦେବା ନିମନ୍ତେ କୌଣସି ଟଙ୍କା ନିଆଯାଇନାହିଁ । ଜାଗା ମିଶନ୍ ଜରିଆରେ ଭୂମି ପ୍ରମାଣପତ୍ର (LRC) ଦେବା ନିମନ୍ତେ ଯେଉଁ ହିତାଧିକାରୀଙ୍କ ଠାରୁ ଟଙ୍କା ରଖାଯାଇଛି, ଏହାର ଫେରସ୍ତ କିମ୍ବା LRC ଦେବା ନିଷ୍ପତ୍ତି ସରକାରଙ୍କର, ତେଣୁ ଏ ସମ୍ପର୍କରେ କୌଣସି ସୂଚନା ସରକାରଙ୍କ ଠାରୁ ହସ୍ତଗତ ହୋଇନାହିଁ ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ବସ୍ତିରେ ବାସ କରୁଥିବା ଗରିବ ଲୋକମାନେ ପଇସା ଦାଖଲ କଲେ, କିନ୍ତୁ ସେମାନଙ୍କୁ ଜାଗା ଦିଆଯାଉନାହିଁ । ନିଗମ ବ୍ୟାଙ୍କରେ ଅର୍ଥ ରଖି ସୁଧ ପାଉଅଛି । ଏହା ଉପରେ ଆଲୋଚନା କରାଗଲା । ଯେଉଁମାନେ ଅର୍ଥ ଜମା କରିଛନ୍ତି ଯଦି ତାଙ୍କର ଅର୍ଥ ଫେରସ୍ତ କରାଯାଏ ତେବେ ବ୍ୟାଙ୍କ୍ ଦେଉଥିବା ସୁଧ ସହିତ ଫେରସ୍ତ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହେଲା ।

ପ୍ରଶ୍ନ-୨(୯). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ୧୨ ନମ୍ବର ୱାର୍ଡ଼ରେ ୪ ଜଣ ସ୍ୱଚ୍ଛସାଥି କାମ କରୁଥିଲେ ତାଙ୍କ ଭିତରୁ ଜଣେ କାମ ଛାଡ଼ି ପଳେଇବାରୁ ୱାର୍ଡ଼ରେ କାମ କରିବା ପାଇଁ ଅସୁବିଧା ହେଉଥିବାରୁ ଆମେ ଆଉ ଜଣେ ସ୍ୱଚ୍ଛସାଥିର ଡ଼କୁମେଂଟ ଦେଇଥିଲୁ ତାଙ୍କୁ କ'ଣ ପାଇଁ ଏପର୍ଯ୍ୟନ୍ତ କାର୍ଯ୍ୟରେ ରଖାଯାଇନାହିଁ ?

ଉତ୍ତର-୨(୯). ଏ ସମ୍ବନ୍ଧରେ ଅନୁଧ୍ୟାନ କରାଯାଇ vacant ଥିବା ୱାର୍ଡ଼ ମାନଙ୍କରେ ସ୍ୱଚ୍ଛସାଥି ଚୟନ ପାଇଁ ପ୍ରକ୍ରିୟା ହୋଇଥିଲା ଏବଂ ଏହା ଚୂଡ଼ାନ୍ତ ପ୍ରଣାଳୀରେ ଅଛି । ଗତ ତା ୧୩.୦୪.୨୦୨୬ ରିଖରେ ସାକ୍ଷାତକାର କରାଯାଇ ଚୟନ ପ୍ରକ୍ରିୟା ଶେଷ ହୋଇଅଛି ।

<u>ଶ୍ରୀ ଅଜିତ୍ ବେହେରା, ୱାର୍ଡ଼ ନଂ-୪୪</u>

ପ୍ରଶ୍ନ-୨(୧୦). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଭୁବନେଶ୍ୱର ମହାନଗର ନିଗମରେ ଭତା ପାଉଥିବା ଲୋକଙ୍କ ମଧ୍ୟରୁ ୬୭ ୱାର୍ଡ଼ରେ କେତେ ଜଣ ହିତାଧିକାରୀ ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ଟ୩,୫୦୦/-ଙ୍କା ପାଉଛନ୍ତି ଓ କେତେ ଜଣ ଟ୩,୫୦୦/-ଙ୍କା ପାଉନାହାଁନ୍ତି ତାହାର ସମ୍ପୂର୍ଣ୍ଣ ତଥ୍ୟ ୱାର୍ଡ଼ ୱାଇଜ୍ ସାଧାରଣ ବୈଠକରେ ଦେବାପାଇଁ ଅନୁରୋଧ । ଯେଉଁ ହିତାଧିକାରୀ ଆଜି ପର୍ଯ୍ୟନ୍ତ ଟ୩,୫୦୦/-ଙ୍କା ପାଇନାହାଁନ୍ତି ତାହାର କାରଣ କ'ଣ ଜଣାଇବା ପାଇଁ ଅନୁରୋଧ । ଭୁବନେଶ୍ୱର ମହାନଗର ନିଗମର ଭତା ଆବେଦନକାରୀଙ୍କ ସଂଖ୍ୟା କେତେ ଏବଂ ସେହି ଆବେଦନକାରୀଙ୍କର ବିବରଣୀ ପ୍ରଦାନ କରି କେବେ ଅନୁମୋଦନ ହେବ ତାହା ଜଣାଇବା ପାଇଁ ଅନୁରୋଧ ।

ଉତ୍ତର-୨(୧୦). ଭୁବନେଶ୍ୱର ମହାନଗର ନିଗମରେ ଭତା ପାଉଥିବା ହିତାଧିକାରୀଙ୍କ ମଧ୍ୟରୁ ୬୭ ୱାର୍ଡ଼ରେ ସମୁଦାୟ ୬୦ ଜଣ ହିତାଧିକାରୀ ୩୫୦୦ ଟଙ୍କା ପାଉଛନ୍ତି । ଯେଉଁ ହିତାଧିକାରୀମାନେ ୩୫୦୦ ଟଙ୍କା ପାଇନାହାଁନ୍ତି ତାହାର କାରଣ ହେଉଛି vacancy ନଥିବା ହେତୁ ୩୫୦୦ ଟଙ୍କା ଭତା ମଞ୍ଜୁର ହୋଇପାରୁନାହିଁ, vacancy ଆସିଲେ ଯଥାଶୀଘ୍ର ୩୫୦୦ ଟଙ୍କା ଭତା ମଞ୍ଜୁର କରାଯିବ । ଭୁବନେଶ୍ୱର ମହାନଗର ନିଗମର ଭତା ଆବେଦନକାରୀଙ୍କ ସଂଖ୍ୟା-୬୦୪୯ ଅଟେ ଓ ସରକାରଙ୍କ ଠାରୁ ଅନୁମୋଦନ ଆସିଲେ ହିତାଧିକାରୀଙ୍କୁ ଭତା ପ୍ରଦାନ କରାଯିବ ।

ପ୍ରଶ୍ନ-୨(୧୧). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଭୁବନେଶ୍ୱର ମହାନଗର ନିଗମର ୱାର୍ଡ଼ ନଂ-୪୪ ରେ ବିଭିନ୍ନ ସମୟରେ ଯେଉଁସବୁ ନାଳ ସମସ୍ୟା ସାଧାରଣ ବୈଠକରେ ପ୍ରଶ୍ନ କରାଯାଇଥିଲା ତାହାର ଉତର ଦେବାପାଇଁ ଅନୁରୋଧ ।

ଉତ୍ତର-୨(୧୧). ମୁଖ୍ୟ ଡ୍ରେନ୍-୫ ସମ୍ବନ୍ଧୀୟ ଡ଼ିପିଆର୍ ସରକାରଙ୍କ ନିକଟରେ ଦାଖଲ କରାଯାଇଛି ଏବଂ ପ୍ରଶାସନିକ ଅନୁମୋଦନ ପ୍ରାପ୍ତି ପାଇଁ ଅଛି । ଅନୁମୋଦନ ପ୍ରାପ୍ତି ହେଲେ କାର୍ଯ୍ୟ ଆରମ୍ଭ କରାଯିବ । ସେହିପରି Gopaluni Nagar & Nua Sahi ସମ୍ପୃକ୍ତ ଆଭ୍ୟନ୍ତରିଣ ଡ୍ରେନ୍ ପ୍ରସ୍ତାବ ଗୁଡ଼ିକୁ ବାର୍ଷିକ କାର୍ଯ୍ୟ ଯୋଜନାରେ ସମ୍ମିଳିତ କରାଯାଇଛି ଏବଂ ଆବଶ୍ୟକ ଅନୁମୋଦନ ପରେ ପର୍ଯ୍ୟାୟକ୍ରମେ କାର୍ଯ୍ୟ କରାଯିବ ।

<u>ଶ୍ରୀ ରଶ୍ମିରଞ୍ଜନ ପାଟଶାଣୀ, ୱାର୍ଡ଼ ନଂ-୬୫</u>

ପ୍ରଶ୍ନ-୨(୧୨). ପୂର୍ବ ସାଧାରଣ ବୈଠକ ତା ୨୩.୦୪.୨୦୨୫ ରିଖ ଏବଂ ତା ୨୫.୦୬.୨୦୨୫ ରିଖରେ ପଚାରିଥିବା ପ୍ରଶ୍ନ ଅନୁଯାୟୀ ପାତ୍ରପଡ଼ା-ଭଗବାନପୁର ଗ୍ରାମର ଡ୍ରେନ୍ ପାଣି ଗୁଡ଼ିକ ଗ୍ରାମର ଶେଷ ପ୍ରାଇଭେଟ୍ ଲ୍ୟାଣ୍ଡରେ ଓ ଏମ୍ସ ନଗର, ଉଦୟଗିରି ବିହାର ଓ ଟାଙ୍ଗି ଅଂଚଳର ଡ୍ରେନ୍ ପାଣି ଖଣିରେ ଜମା

ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଅଛି, ଏହି ଡ୍ରେନ୍ ଗୁଡ଼ିକର ସଂଯୋଗୀକରଣ କରି ପ୍ରାକୃତିକ ନାଳରେ ପକାଇବା ପାଇଁ ସର୍ଭେ ସଂସ୍ଥା IIT ROORKEE ଦ୍ୱାରା ସର୍ଭେ କରାଯାଇ DPR ପ୍ରସ୍ତୁତି କରାଯିବା ପାଇଁ ଜଣାଇଥିଲେ । ୯ ମାସ ବିତିଯାଇଥିଲେ ମଧ ଏଥିରେ କୌଣସି ପ୍ରକାର ଅଗ୍ରଗତି ହେବାର ଜଣାପଡୁନାହିଁ । ଏହି କାର୍ଯ୍ୟ ଅଗ୍ରଗତି ବିଷୟରେ ଗୃହକୁ ଜଣାଇବେ କି ?

ଉତ୍ତର-୨(୧୨). ଭଗବାନପୁର ଅଂଚଳର ଷ୍ଟର୍ମ ୱାଟର୍ ଡ୍ରେନେଜ୍ କାର୍ଯ୍ୟ NDMA ପ୍ରସ୍ତାବରେ ସମ୍ମିଳିତ ହୋଇଛି ଏବଂ PMC ଦ୍ୱାରା ସର୍ଭେ କାର୍ଯ୍ୟ ସମ୍ପନ୍ନ ହୋଇଛି । ଡ଼ିପିଆର୍ ର ଆବଶ୍ୟକ ଅନୁମୋଦନ ପ୍ରାପ୍ତି ସହିତ କାର୍ଯ୍ୟ ଶୀଘ୍ର ଆରମ୍ଭ କରାଯିବ ।

<u>ଶ୍ରୀ ଚନ୍ଦ୍ରଶେଖର ମଲିଆ, ୱାର୍ଡ଼ ନଂ-୬୦</u>

ପ୍ରଶ୍ନ-୨(୧୩). ଗତ ତା ୧୮.୦୬.୨୦୨୫ ରିଖ ଦୈନିକ ସମାଜରେ ମହାନଗର ନିଗମ ତରଫରୁ ପ୍ରକାଶିତ ଏକ ବିଜ୍ଞାପନରେ ୬୦ ନଂ ୱାର୍ଡ଼ର ତିନି ମାସରୁ ଅଧିକ ସମୟ ଧରି ଭତା ନେଇନଥିବା ୨୧ ଜଣ ହିତାଧିକାରୀଙ୍କ ନାମ ପ୍ରକାଶ କରାଯାଇ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା କି, ସେମାନେ ବିଜ୍ଞାପନ ପ୍ରକାଶନର ସାତ ଦିନ ମଧରେ ବ୍ୟକ୍ତିଗତ ଭାବେ ନିଜ ଅଂଚଳର ଜୋନାଲ୍ ଡ଼େପୁଟି କମିଶନର କିମ୍ବା ଗୋଷ୍ଠୀ ସଙ୍ଗଠିକାଙ୍କ ନିକଟରେ ସଠିକ୍ ପ୍ରମାଣପତ୍ର ସହ ନିଶ୍ଚିତ ହାଜର ହୁଅନ୍ତୁ । ଏହି ବିଜ୍ଞାପନ ପ୍ରକାଶନର ନିର୍ଦ୍ଧାରିତ ସାତ ଦିନ ସମୟ ମଧରେ ୬୦ ନଂ ୱାର୍ଡ଼ର କେତେ ଜଣ ହିତାଧିକାରୀ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ସାକ୍ଷାତ କରିଛନ୍ତି । ଅବଶିଷ୍ଟ ସାକ୍ଷାତ କରିନଥିବା ହିତାଧିକାରୀମାନଙ୍କ ନାମ ସରକାରଙ୍କ ହିତାଧିକାରୀ ତାଲିକାରୁ ବାଦ୍ ଦିଆଯାଇଛି କି ? ବାଦ୍ ଦିଆଯାଇଥିବା ଏହି ହିତାଧିକାରୀଙ୍କ ନାମ ସହ କେଉଁ ମାସର ଶୂନ୍ୟ ସ୍ଥାନରେ ଏମାନଙ୍କୁ ଦର୍ଶାଯାଇଛି ତାହା ପ୍ରକାଶ କରନ୍ତୁ । ଦକ୍ଷିଣ-ପୂର୍ବ ଜୋନାଲ୍ ଡ଼େପୁଟି କମିଶନରଙ୍କ ଠାରୁ ଗତ ଜୁନ୍-୨୫ ଠାରୁ ଅଦ୍ୟାବଧି ଉପ ଆୟୁକ୍ତ (ସାମାଜିକ ସୁରକ୍ଷା) ଙ୍କୁ ମାସୱାରୀ ପ୍ରଦତ ଶୂନ୍ୟସ୍ଥାନ ତାଲିକାର ନକଲ ଦୟାକରି ପ୍ରଦାନ କରବେ କି ? ଜୁନ୍-୨୫ ଠାରୁ ଏପ୍ରିଲ୍-୨୬ ମଧରେ ୬୦ ନଂ ୱାର୍ଡ଼ର ଭତା ମଞ୍ଜୁର ହୋଇଥିବା ହିତାଧିକାରୀ ମାନଙ୍କର ମାସୱାରୀ ତାଲିକା ପ୍ରଦାନ କରାଯାଉ ।

ଉତ୍ତର-୨(୧୩). ୱାର୍ଡ଼ ନଂ-୬୦ ର ୨୧ ଜଣ ହିତାଧିକାରୀ ଦୀର୍ଘ ଦିନ ଧରି ଭତା ନେଇନଥିବାରୁ ସେମାନଙ୍କର ନାମ ଦୈନିକ ସମ୍ବାଦପତ୍ରରେ ପ୍ରକାଶ କରିବା ପରେ ମଧ କେହି ହିତାଧିକାରୀ ଦକ୍ଷିଣ-ପୂର୍ବ କାର୍ଯ୍ୟାଳୟକୁ ଯାଇନଥିଲେ, ତେଣୁ ସେମାନଙ୍କ ନାମ ଭତା ତାଲିକାରୁ ଓ ପୋର୍ଟାଲରୁ ଅକ୍ଟୋବର ୨୦୨୫ ରୁ ବାଦ୍ ଦିଆଯାଇଅଛି ।

ଜୁନ୍-୨୦୨୫ ରୁ ଏପ୍ରିଲ୍-୨୦୨୬ ଦକ୍ଷିଣ-ପୂର୍ବ ମଣ୍ଡଳରୁ ଆସିଥିବା ମୃତ ତାଲିକା ନିମ୍ନରେ ଜଣାଇ ଦିଆଯାଇଅଛି ।

| Sl.No. | Month | Total Death |
|---|---|---|
| 1 | July-25 | 02 |
| 2 | September-25 | 03 |
| 3 | October-25 | 21 |
| 4 | November-25 | 21 |
| 5 | December-25 | 03 |
| 6 | February-26 | 04 |
| 7 | March-26 | 01 |

ଜୁନ୍-୨୦୨୫ ରୁ ଏପ୍ରିଲ୍-୨୦୨୬ ରେ ମୁଖ୍ୟ କାର୍ଯ୍ୟାଳୟରେ ଭତା ମଞ୍ଜୁର ହୋଇଥିବା ତାଲିକା ନିମ୍ନରେ ଜଣାଇ ଦିଆଯାଇଅଛି ।

| Sl.No. | Month | Total Death |
|---|---|---|
| 1 | June-25 | 03 |
| 2. | August-25 | 04 |
| 3 | October-25 | 10 |
| 4 | December-25 | 12 |
| 5 | February-26 | 03 |
| 6 | March-26 | 01 |

ପ୍ରସ୍ତାବ-୩. ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ପ୍ରଗତି ବିବରଣୀ ଉପସ୍ଥାପନ :-

ନିର୍ଦ୍ଧାରଣ-୩. ଉପସ୍ଥାପନ କରାଗଲା ।

ପ୍ରସ୍ତାବ-୪. ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ :-

ନିର୍ଦ୍ଧାରଣ-୪(୧). ଗତ ତା ୧୭.୦୩.୨୦୨୬ ରିଖ ଓ ତା ୦୮.୦୪.୨୦୨୬ ରିଖ ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୨). ଗତ ତା ୧୦.୦୪.୨୦୨୬ ରିଖ ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍ଭିରନ୍ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୩). ଗତ ତା ୧୭.୦୩.୨୦୨୬ ରିଖ ଓ ତା ୦୮.୦୪.୨୦୨୬ ରିଖ ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୪). ଗତ ତା ୦୨.୦୪.୨୦୨୬ ରିଖ ଓ ତା ୧୫.୦୪.୨୦୨୬ ରିଖ ପ୍ଲାନିଂ ଆଣ୍ଡ୍ ଡେ଼ଭଲପମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୫). ଗତ ତା ୧୭.୦୩.୨୦୨୬ ରିଖ ଓ ତା ୦୯.୦୪.୨୦୨୬ ରିଖ ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍ଚର ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୬). ଗତ ତା ୧୮.୦୩.୨୦୨୬ ରିଖ ଓ ତା ୧୩.୦୪.୨୦୨୬ ରିଖ ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୭). ଗତ ତା ୧୫.୦୪.୨୦୨୬ ରିଖ କଂଟ୍ରାକ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ନିର୍ଦ୍ଧାରଣ-୪(୮). ଗତ ତା ୧୦.୦୪.୨୦୨୬ ରିଖ କର୍ପୋରେସନ ଏଷ୍ଟାବ୍ଲିସ୍ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୯). ଗତ ତା ୧୮.୦୩.୨୦୨୬ ରିଖ ଓ ତା ୦୯.୦୪.୨୦୨୬ ରିଖ ଗ୍ରୀଭାନ୍ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୧୦).ଗତ ତା ୧୯.୦୩.୨୦୨୬ ରିଖ ଓ ତା ୧୦.୦୪.୨୦୨୬ ରିଖ ସ୍ଲମ୍ ସେଟଲ୍ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ପ୍ରକାଶ ଥାଉକି ଉପର ବର୍ଣ୍ଣିତ ଷ୍ଟାଣ୍ଡିଂ କମିଟି ମାନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ନିର୍ଦ୍ଧାରଣ ଗୁଡ଼ିକ ସମ୍ପୃକ୍ତ ନଥିରେ ମାନ୍ୟବର ମେୟରଙ୍କ ନିକଟରେ ଉପସ୍ଥାପନ କରାଯିବା ପରେ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ରୁଲ୍-୨୦୦୪ ର ନିୟମ ୦୩, ୦୪, ୦୫,୦୬, ୦୭, ୦୮,୧୦,୧୧ ଓ ୧୨ ଅନୁଯାୟୀ ତହିଁ ଉପରେ ମେୟରଙ୍କ ଆଦେଶ ମତେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପ୍ରସ୍ତାବ-୫. **ଭୁବନେଶ୍ୱର ମହାନଗର ନିଗମର ଫେବୃୟାରୀ ଓ ମାର୍ଚ୍ଚ-୨୦୨୬ ମାସର ଆୟ ବ୍ୟୟ ହିସାବ ଫର୍ଦ୍ଦ ଉପସ୍ଥାପନ :-**

ନିର୍ଦ୍ଧାରଣ-୫. ଉପସ୍ଥାପନ କରାଗଲା । ଏହା ଉପରେ ଅଡ଼ିଟ୍ ମତାମତ/ ମନ୍ତବ୍ୟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥିର ହେଲା । "(Expenditure Statement is passed subject to audit)"

ପ୍ରସ୍ତାବ-୬. ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରସ୍ତାବ:- (ତା ୧୮.୦୪.୨୦୨୬ ରିଖ)

<u>ଶ୍ରୀ ଆଶିଷ କୁମାର ପଟ୍ଟନାୟକ, ଓ୍ୱାର୍ଡ ନଂ-୪୨</u>

ପ୍ରସ୍ତାବ-୬(୧). ମୋ ଓ୍ୱାର୍ଡରେ ଥିବା Platform(6) ରାସ୍ତାରେ Sunflower Nursing Home ପାଖରେ ଥିବା ସରକାରୀ ଜାଗାରେ କରିଥିବା ଦୋକାନଘର ଗୁଡ଼ିକ ମହାନଗର ନିଗମ ଅଧିନରେ ଅଛି ତାହା ଭେଣ୍ଡିଂଜୋନ୍ ପାଇଁ ଆଦୃତ ହେଲେ । ସେଠାରେ ଥିବା ଦୋକାନୀ ଏବଂ ମୋ ଓ୍ୱାର୍ଡରେ ଥିବା ବାସିନ୍ଦାମାନେ ରୋଜଗାରକ୍ଷମ ହୋଇପାରନ୍ତେ ।

ନିର୍ଦ୍ଧାରଣ-୬(୧). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୬(୨). ମୋ ଓ୍ୱାର୍ଡରେ ଥିବା ୩ ଟି BSNL Tower ଏବଂ ୩ ଟି ବଡ଼ Hoarding ବିପଦସଙ୍କୁଳ ଅବସ୍ଥାରେ ଅଛି ତାହା ତୁରନ୍ତ ହଟା ନଗଲେ ଆଗାମୀ ଦିନରେ ଜନସାଧାରଣଙ୍କ ପ୍ରତି ବିପଦ ଅଛି । ଏହାକୁ ହଟାଇବା ନିମନ୍ତେ ଅନୁରୋଧ ।

ନିର୍ଦ୍ଧାରଣ-୬(୨). ପ୍ରସ୍ତାବ ବର୍ଣ୍ଣିତ ବିଜ୍ଞାପନଫଳକ ବିପଦସଙ୍କୁଳ ଥିଲେ ଯଥାଶୀଘ୍ର କାଟିବା ପାଇଁ ନିଷ୍ପତି ହେଲା ଏବଂ BSNL Tower ବିପଦସଙ୍କୁଳ ଥିଲେ BSNL ର ଅଧିକାରୀଙ୍କ ସହିତ ଦକ୍ଷିଣ-ପୂର୍ବ ଆଂଚଳିକ ଅଧିକାରୀ ଆଲୋଚନା କରି କାଟିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଯଶୋଧାରା ପ୍ରଧାନ କହିଥିଲେ ଯେ, ଭୁବନେଶ୍ୱର ମହାନଗର ନିଗମାଂଚଳରେ ବହୁ ଇଲେକ୍ଟ୍ରି ଖୁଂଟ ବିପଦ ସଙ୍କୁଳ ଅବସ୍ଥାରେ ଅଛି । TPCODL ସେଗୁଡ଼ିକ ପରିବର୍ତନ କରୁନାହିଁ । ଏହା ଉପରେ କମିଶନର କହିଥିଲେ ଯେ, ଯେଉଁ ଇଲେକ୍ଟ୍ରି ଖୁଂଟ ଗୁଡ଼ିକ ଖରାପ ହୋଇଅଛି ଆପଣମାନେ ସାତ ଦିନ ମଧ୍ୟରେ ତାଲିକା ଦିଅନ୍ତୁ । ଜନସାଧାରଣ ଜୀବନ ପ୍ରତି ବିପଦସଙ୍କୁଳ ଥିବାରୁ ଏହାକୁ ୧୫ ଦିନ ମଧ୍ୟରେ ହଟାଇବା ପାଇଁ ଏବଂ କୌଣସି ଅଘଟଣ ଘଟିଲେ ଭୁବନେଶ୍ୱର ମହାନଗର ନିଗମ ଦାୟୀ ରହିବ ନାହିଁ ବୋଲି TPCODL କୁ ଚିଠି ଦିଆଯିବ ।

<u>ଶ୍ରୀ ଶ୍ରୀଧର ବେହେରା, ଓ୍ୱାର୍ଡ ନଂ-୫୨</u>

ପ୍ରସ୍ତାବ-୬(୩). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୫୨ ନଂ ଓ୍ୱାର୍ଡରେ ଥିବା ସ୍ପିଙ୍ଗ୍ ଟ୍ୟାଙ୍କ୍ ପଛ ଦିଗରୁ ପୁରୁଣା ଏୟାରପୋର୍ଟ ରୋଡ୍ ମଧ୍ୟଭାଗରେ ଥିବା ମୁଖ୍ୟ ଡ୍ରେନ୍ ନଂ-୭ ର ପୁନରୁଦ୍ଧାର ପ୍ରକଳ୍ପ କାର୍ଯ୍ୟ ଆରମ୍ଭରୁ ଏହାର ଏଷ୍ଟିମେଟ୍ ଅନୁମୋଦନ ମଧ୍ୟରେ ବାରମ୍ବାର Design, Drawing ପରିବର୍ତନ ଯେପରିକି ୧) ପୂର୍ବରୁ ଥିବା ମୁଖ୍ୟ ନାଳର ଦିଗ ପରିବର୍ତନ ପାଇଁ ୩ ଥର ସମ୍ପୂର୍ଣ୍ଣ ମୁଖ୍ୟ ନାଳକୁ ଖୋଳିବା ୨) ପ୍ରକଳ୍ପ ନିକଟରେ ଥିବା କିଛି ବେସରକାରୀ ଜାଗାର ବିଭିନ୍ନ ପର୍ଯ୍ୟାୟରେ ଅଧିଗ୍ରହଣ ଏବଂ ଦେବୋତର ବିଭାଗ ଜାଗାକୁ ବିଭିନ୍ନ ପର୍ଯ୍ୟାୟରେ ପ୍ରକଳ୍ପ ସଂଯୋଗ କରାଯିବା ପରେ ଉକ୍ତ ସ୍ଥାନରେ ଥିବା ଜବରଦଖଲ ଉଚ୍ଛେଦ ୩) ପ୍ରକଳ୍ପର ବାରମ୍ବାର ଡ଼ିଜାଇନ୍ ପରିବର୍ତନ ଦ୍ୱାରା ମୁଖ୍ୟ ଜଳାଶୟ ଏବଂ ଅନ୍ୟ ଛୋଟ ଜଳାଶୟ ଗୁଡ଼ିକର ବନ୍ଧରେ୨-୩ ଥର ପରିବର୍ତନ ଦ୍ୱାରା ବାରମ୍ବାର ବନ୍ଧ ଭାଙ୍ଗିବା ଏବଂ ବାରମ୍ବାର ନିର୍ମାଣ କରିବା ପାଇଁ କେତେ ଅର୍ଥ ବ୍ୟୟ ହୋଇଛି ତାହାର ଏକ ଅଟକଳ ବି.ଏମ୍.ସି ଏବଂ WRU ମିଳିତ ଭାବରେ ନିର୍ଦ୍ଧାରଣ ପାଇଁ WRU କୁ ଚିଠି କରିବା ସହ ଯେତେ ଶୀଘ୍ର ସମ୍ଭବ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ।

ନିର୍ଦ୍ଧାରଣ-୬(୩). ଆସନ୍ତା ତା ୨୮.୦୪.୨୦୨୬ ରିଖ ନିଗମର ନଗର ଯନ୍ତ୍ରୀ ନେବାକୁ ଥିବା ବୈଠକରେ ଏହା ସମାଧାନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀମତୀ ଜୟନ୍ତି ସାହୁ, ଓ୍ୱାର୍ଡ ନଂ-୧୨</u>

ପ୍ରସ୍ତାବ-୬(୪). ଜନତା ମଇଦାନ ଠାରେ ବି.ଡ଼ି.ଏ ର ଏକ ଶୌଚ୍ଚାଳୟ ଗେଟ୍ ନମ୍ବର ୨ ଠାରେ ହୋଇଥିଲା । ତାହା ଏବେ କୌଣସି କାର୍ଯ୍ୟରେ ଲାଗୁନାହିଁ । ସେଠାରେ ଗୋଟେ ପ୍ରାଇଭେଟ୍ ଲୋକ କୁକୁର ମାନଙ୍କୁ ରଖି ତା'ର ବିଜନେସ୍ ଚଳାଉଅଛି । ତେଣୁକରି ମୋର ଅନୁରୋଧ ସେହି ଶୌଚ୍ଚାଳୟଟିକୁ ବି.ଏମ୍.ସି under ରେ ନିଆଯାଇ ସୁଲଭକୁ ଦିଆଗଲେ ସେଠାକାର ଲୋକମାନେ ଉପକୃତ ହେବେ ।

ନିର୍ଦ୍ଧାରଣ-୬(୪). ପ୍ରସ୍ତାବ ବର୍ଣ୍ଣିତ ଶୌଚ୍ଚାଳୟଟିକୁ ଭୁବନେଶ୍ୱର ମହାନଗର ନିଗମ ଅଧିନକୁ ଆଣିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୬(୫). ୧୨ ନମ୍ବର ୱାର୍ଡ଼ ଠାରେ ଥିବା TTS ରେ ଏକ ୱାସିଙ୍ଗ୍‌ପଏଣ୍ଟ୍ ହେବାର ବ୍ୟବସ୍ଥା ହୋଇଥିଲା ତାହା ଏପର୍ଯ୍ୟନ୍ତ କାହିଁକି କାର୍ଯ୍ୟକାରୀ କରାଯାଇନାହିଁ ? ତେଣୁ ମୋର ଅନୁରୋଧ TTS ଠାରେ ଏକ ୱାସିଙ୍ଗ୍‌ପଏଣ୍ଟ୍ କରାଗଲେ ସମସ୍ତେ ଉପକୃତ ହେବେ ।

ନିର୍ଦ୍ଧାରଣ-୬(୫). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

<u>ଶ୍ରୀ ଅଜିତ୍ ବେହେରା, ୱାର୍ଡ଼ ନଂ-୪୪</u>

ପ୍ରସ୍ତାବ-୬(୬). ୱାର୍ଡ଼ ଅଫିସ୍ ର ସମସ୍ୟାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପାଇଁ ପ୍ରସ୍ତାବ ।

ନିର୍ଦ୍ଧାରଣ-୬(୬). ଏ ପ୍ରସ୍ତାବ ଉପରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସହିତ ନିଗମର କମିଶନର ଆଲୋଚନା କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୬(୭). କର୍ପୋରେଟରମାନଙ୍କ ବାର୍ଷିକ କାର୍ଯ୍ୟ ବିବରଣୀକୁ ତୁରନ୍ତ ଅନୁମୋଦନ କରି ଜୁଲାଇ ମାସରେ କାର୍ଯ୍ୟାଦେଶ ଦେବାପାଇଁ ଆଲୋଚନା ।

ନିର୍ଦ୍ଧାରଣ-୬(୭). ଏ ପ୍ରସ୍ତାବ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ନିଗମର ନଗର ଯନ୍ତ୍ରୀଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

<u>ଶ୍ରୀ ରଶ୍ମିରଞ୍ଜନ ପାଟଶାଣୀ, ୱାର୍ଡ଼ ନଂ-୬୫</u>

ପ୍ରସ୍ତାବ-୬(୮). ପୂର୍ବ ସାଧାରଣ ବୈଠକ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ Bhaiji Bar & Restaurant ଠାରେ ଉପଯୁକ୍ତ ପାର୍କିଙ୍ଗ୍ ର ବ୍ୟବସ୍ଥା ନାହିଁ । ପାର୍କିଙ୍ଗ୍ ହେବା ସ୍ଥାନରେ ଫାଷ୍ଟଫୁଡ୍ ସେଂଟର କରି ଜାତୀୟ ରାଜପଥ ପାର୍କିଙ୍ଗ୍ କରିବାରୁ ଟ୍ରାଫିକ୍ ଜାମ୍ ହେଉଛି, ବି.ଏମ୍.ସି ଉପଯୁକ୍ତ ପାର୍କିଙ୍ଗ୍ ର ବନ୍ଦୋବସ୍ତ କରାଯାଇ ବି.ଏମ୍.ସି ର ରାଜସ୍ୱ ଆଦାୟ ସହିତ ଟ୍ରାଫିକ୍ ଜାମ୍ ର ସମସ୍ୟା ଦୂର ହୁଅନ୍ତା ।

ନିର୍ଦ୍ଧାରଣ-୬(୮). ପ୍ରସ୍ତାବ ବର୍ଣ୍ଣିତ ସ୍ଥାନରେ ବେଆଇନ୍ ଜବରଦଖଲ ହୋଇଥିଲେ ଏହାକୁ ଉଚ୍ଛେଦ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀମତୀ ରଞ୍ଜୁଲତା ରାୟ, ୱାର୍ଡ଼ ନଂ-୩୫</u>

ପ୍ରସ୍ତାବ-୬(୯). ୱାର୍ଡ଼ ନଂ-୩୫, ମଉଜା-ଭୋଇନଗର, ଖାତା ନଂ-୨୯୭, ପ୍ଲଟ୍ ନଂ-୧୪୪୩, କିସମ-ଘରବାରି, ମାଲିକାନା ସାଧାରଣ ପ୍ରଶାସନଙ୍କ ନାମରେ ଥାଇ ଏକ ଖାଲିସ୍ଥାନ ଅଛି । ମୋ ୱାର୍ଡ଼ରେ ସାଧାରଣ ମାଙ୍ଗଳିକ କାର୍ଯ୍ୟ ପାଇଁ କୌଣସି ସରକାରୀ କଲ୍ୟାଣମଣ୍ଡପ କିମ୍ବା କମ୍ୟୁନିଟି ସେଂଟର ନାହିଁ, ଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତେଣୁ ଏହି ସ୍ଥାନରେ ଏକ କମ୍ୟୁନିଟି ସେଂଟର ନିର୍ମାଣ କରାଯାଉ ଯାହା ଫଳରେ ଜନସାଧାରଣ ଉପକୃତ ହେବେ । ଏହା ଉପରେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୯). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୬(୧୦). ମୋ ୱାର୍ଡ଼ରେ ଥିବା ମା' ଭେଣ୍ଡିଂଜୋନ୍ ସମ୍ମୁଖ ରାସ୍ତା ବହୁତ ଖରାପ ହୋଇଥିବାରୁ ସେଠାକୁ ଯାଉଥିବା ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏପରିକି କେତେକ ଲୋକ ରାସ୍ତାକୁ ଦେଖି ଭେଣ୍ଡିଂଜୋନ୍‌କୁ ଯିବାପାଇଁ ରାଜି ହେଉନାହାଁନ୍ତି, ତେଣୁ ଏହି ରାସ୍ତାକୁ ପେଭର ବ୍ଲକ୍ କରାଗଲେ ସେଠିକାର ବ୍ୟବସାୟୀ ଓ ଜନସାଧାରଣ ଉପକୃତ ହେବେ । ଏହା ଉପରେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୧୦). ପ୍ରସ୍ତାବ ବର୍ଣ୍ଣିତ ଭେଣ୍ଡିଂଜୋନ୍ ବ୍ୟବସାୟୀମାନେ ୟୁଜର୍ ଫି ଭୁବନେଶ୍ୱର ମହାନଗର ନିଗମକୁ ଦେବାପରେ ସେଠାରେ ରାସ୍ତା କାର୍ଯ୍ୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଶ୍ରୀ ରାଜକିଶୋର ଦାସ, ୱାର୍ଡ ନଂ-୩୦

